ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 51 | 17 - 23 December 2023 | Sambalpur | Page- 8 | Invitation Price Rs.10

# ପାଉଁଶ ମାଫିଆଙ୍କ ଲୋଲୁପ ଦୃଷ୍ଟି ଏବେ ସମ୍ବଲପୁରରେ

ସମ୍ବଲପୁର: ସମ୍ବଲପୁର ଓ ଝାରସୁଗୁଡ଼ାର ଶିଳ୍ପ କରିଡର ଏବେ ଦୁଇ ଜିଲ୍ଲା ପାଇଁ ମହାବିପତ୍ତି ଡାକିଲାଣି । ଏହି ଶିଳ୍ପ କରିଡରରେ ସ୍ଥାପିତ କାରଖାନାର ବିଷ ପାଉଁଶ(ଆଶ୍)ର ଏକ ଆସ୍ତରଣ ଧୀରେ ଧୀରେ ସମଗ୍ର ଅଞ୍ଚଳକୁ ଆଚ୍ଛାଦିତ କରିବାର ଆଶଙ୍କା ସୃଷ୍ଟି ହେଲାଣି । ଦଲାଲଙ୍କ ଦ୍ୱାରା ପରିଚାଳିତ ଏହି ବ୍ୟବସ୍ଥାରେ ବେଆଇନ ଭାବେ ମନଇଚ୍ଛା ବନ୍ଧ, ବିଲ, ନଈ ନାଳରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ ଯାଏ ବିଷ ପାଉଁଶ ମାଡ଼ି ବସିଲାଣି । ଏଭଳି ସ୍ଥିତିରେ ଏହାକୁ ନିୟନ୍ତ୍ରଣ କରିବାକୁ ଉଦ୍ଦିଷ୍ଟ ରାଜ୍ୟ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କର୍ତ୍ତୃପକ୍ଷ ମାତ୍ର ୨ଟି ସ୍ଥାନରେ ଆଶ୍ ପକାଇବା ପାଇଁ ଅନୁମତି ଦେଇଛି । ହେଲେ ବାସ୍ତବରେ ବିନା ଅନୁମତିରେ ଜିଲ୍ଲାର ଶତାଧିକ ସ୍ଥାନରେ ବେଆଇନ ଭାବେ ଆଶ୍ ଡମ୍ପି ଚାଲିଛି । ଏହି ଦୁଇ ଶିଳ୍ପାଞ୍ଚଳର କାରଖାନାରୁ ଦୈନିକ ୪୦ ହଜାର ଟନ ବିଷ ପାଉଁଶ ନିର୍ଗତ ହେଉଥିବା ବେଳେ ଏଥିପାଇଁ ଆବଶ୍ୟକ ପରିଚାଳନାର ଅଭାବ ଏବେ ବିରାଟ ସମସ୍ୟା ଛିଡ଼ା କଲାଣି ।

୩ ଦଶନ୍ଧି ତଳେ ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲାରେ ଆରମ୍ଭ ହୋଇଥିବା ଦ୍ରୁତ ଶିଳ୍ପାୟନର ଧାରା ଏବେ ଜନଜୀବନ ପାଇଁ କାଳ ହୋଇଛି । ବିଶେଷ କରି ଏଥିରେ ଇସ୍ପାତ, ସ୍ପଞ୍ଜ ଆଇରନ୍, ଆଲୁମିନିୟମ୍ ସମେତ ଅନେକ ତାପଜ ବିଦ୍ୟୁତ୍ ପ୍ରକଳ୍ପ ହିଁ ସ୍ଥାପନ ହୋଇଛି । ଏହି ସମସ୍ତ କାରଖାନା ନିଜସ୍ୱ ଶକ୍ତି ଚାହିଦା ମେଣ୍ଟାଇବାକୁ ସମନ୍ୱିତ ତାପଜ କେନ୍ଦ୍ର ସ୍ଥାପନ କରିଛନ୍ତି । ଯାହା ଦ୍ୱାରା ଏହି କାରଖାନା ଗୁଡ଼ିକରେ ଦୈନିକ ହଜାର ହଜାର ଟନ୍ କୋଇଲା ଇନ୍ଧନ ଭାବେ ବ୍ୟବହାର ହେଉଛି । ଆଉ ଏଥିରୁ ନିର୍ଗତ ପାଉଁଶର ବିପର୍ଯ୍ୟସ୍ତ ପରିଚାଳନା ହିଁ ଏବେ ସମ୍ବଲପୁର, ଝାରସୁଗୁଡା ଜିଲ୍ଲା ପାଇଁ କାଳ ହୋଇଛି ।

ରାଜ୍ୟ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ରିପୋର୍ଟ ଅନୁଯାୟୀ ଉଭୟ ଜିଲ୍ଲାର ଏହି ଶିଳ୍ପାନୁଷ୍ଠାନ ଗୁଡ଼ିକରୁ ଦୈନିକ ୩୦ରୁ ୪୦ ହଜାର ଟନ୍ ପାଉଁଶ ନିର୍ଗତ ହେଉଛି । ହେଲେ ଏହାର ପରିଚାଳନା ପାଇଁ କୌଣସି ଶିଳ୍ପ ସଂସ୍ଥା ପାଖରେ ଆବଶ୍ୟକ ଭିତ୍ତିଭୂମି କିମ୍ବା ପାଉଁଶ ପୋଖରୀ (ଆସ୍ପଣ୍ଡ) ନାହିଁ । ଯେଉଁ କିଛି ସଂସ୍ଥାର ଆସ୍ପଣ୍ଡ ରହିଛି ତାହା ନିର୍ଗତ ହେଉଥିବା ପାଉଁଶ ତୁଳନାରେ ଅତି ନଗଣ୍ୟ । ଏଭଳି ସ୍ଥିତିରେ ଦଲାଲଙ୍କୁ ଧରି ମନଇଚ୍ଛା ସବୁଠି ପାଉଁଶ ବିଛାଇବାକୁ ଶିଳ୍ପ ସଂସ୍ଥା ବିକଳ୍ପ ଭାବେ ବାଛି ନେଇଛନ୍ତି ।

ବୋର୍ଡର ସମ୍ବଲପୁର ସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟର ସୂଚନା ଅନୁଯାୟୀ, ଜିଲ୍ଲାରେ ମାତ୍ର ୨ଟି ସ୍ଥାନରେ ଆଶ୍ ଡମ୍ପି ପାଇଁ ଅନୁମତି ଦିଆଯାଇଛି । ସେହି ଦୁଇ ସ୍ଥାନ ହେଲା ପଡ଼ିଆବାହାଲ ନୀଳଡୁଙ୍ଗୁରୀ ନିକଟସ୍ଥ ୧୦ ଏକର ପରିମିତ ଜମି ଏବଂ ବୁର୍ଲାର ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରର ଏକ ଖାଲୁଆ ସ୍ଥାନ । ଏହା ବାଦ୍ ଜିଲ୍ଲାର ପ୍ରତିଟି କୋଣ ଅନୁକୋଣରେ ପଡୁଥିବା ଆଶ୍ ଡ଼ମ୍ପି ସଂପୂର୍ଣ୍ଣ ବେଆଇନ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି । ତେବେ, ଉଭୟ ଜିଲ୍ଲାରୁ ନିର୍ଗତ ଦୈନିକ ପ୍ରାୟ ୪୦ ହଜାର ଟନ୍ ପାଉଁଶ ପରିବହନ ପାଇଁ ଅନ୍ୟୁନ ଦୈନିକ ୪ ହଜାରଟି ଭାରୀଯାନ ଆବଶ୍ୟକ ହେଉଛି । ତେଣୁ, ଏତେ ସଂଖ୍ୟାରେ ଭାରୀଯାନକୁ ତଦାରଖ କରିବାକୁ ବୋର୍ଡ ପାଖରେ ସମ୍ବଳ ନ ଥିବା କୁହାଯାଇଛି ।

ଏଭଳି ସ୍ଥିତିରେ ଜିଲ୍ଲାର ରେଙ୍ଗାଲିରୁ ଆରମ୍ଭ କରି ଧନକଉଡା, ମାନେଶ୍ୱର, ଯୁଯୁମୁରା, କୁଚିଣ୍ଡା ଏବଂ ବାମରା ବ୍ଲକର ଶତାଧିକ ସ୍ଥାନରେ ପାଉଁଶ ପଡୁଥିବା ଅଭିଯୋଗ ହୋଇଆସୁଛି । କେଉଁଠି ବନ୍ଧ ପୋତି ହେଲାଣି ତ ପୁଣି କେଉଁଠି ପାଉଁଶ ପାହାଡ଼ରେ ସ୍କୁଲ ପାଚେରି ଭାଙ୍ଗିଲାଣି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବୋର୍ଡକୁ ଏହି ଆଶ୍ ଡମ୍ପି ପାଇଁ ହେଉଥିବା ଆବେଦନ ଖାରଜ ହେବା ସତ୍ତ୍ୱେ ଉକ୍ତ ସ୍ଥାନରେ ଦଲାଲମାନଙ୍କ ଦ୍ୱାରା ଆସ୍ ଡମ୍ପି ବେଧଡକ ଭାବେ ଚାଲୁଛି । ଗତ ଅକ୍ଟୋବର ମାସରେ ବାମରା ଗୋବିନ୍ଦପୁରର ଏକ ସ୍ଥାନରେ ଆଶ୍ ଡମ୍ପି ଆବେଦନକୁ ବୋର୍ଡ ଖାରଜ କରିଥିଲା । କିନ୍ତୁ, ଆବେଦନ ପୂର୍ବରୁ ଆଶ୍ ଡମ୍ପି ଚାଲିଥିବା ବେଳେ ବୋର୍ଡ ପ୍ରତ୍ୟାଖ୍ୟାନ କରିବା ପରେ ମଧ୍ୟ ଆସ୍ ପକା ଚାଲିଥିବା ଅଭିଯୋଗ ହୋଇଛି । ସେହିପରି ରେଙ୍ଗାଲି ବ୍ଲକର ସବୁ ବନ୍ଦ ପଡ଼ିଥିବା ପଥର ଖାଦାନରୁ ଆରମ୍ଭ କରି ଜଙ୍ଗଲ ଭିତରେ ୬୦ ଫୁଟ୍ ଉଚ୍ଚର ଆସ୍ ଡମ୍ପିକୁ ନେଇ ହଟଚମଟ ସୃଷ୍ଟି ହେବା ଘଟଣା ବି ବେଶ୍ ପୁରୁଣା । ମୁଖ୍ୟ କଥା ହେଉଛି, ଏହି ଆଶ୍ ବିପଦଜନକ କର୍କଟ ରୋଗ ସୃଷ୍ଟିକାରୀ ଉପାଦାନ ରହୁଥିବାରୁ ଲୋକଙ୍କ ଜୀବନ ସମେତ ସମସ୍ତ ଗୃହପାଳିତ ପଶୁଙ୍କ ପର୍ଯ୍ୟନ୍ତ ବିପଦରେ ପଡ଼ିବାର ଆଶଙ୍କା ସୃଷ୍ଟି ହେଲାଣି । ବିଶେଷ କରି କିଛି ପରିବହନ ସଂସ୍ଥା ରାତାରାତି ବଡ଼ ବଡ଼ ଭାରୀଯାନରେ ଆଣି ଆଶ୍ ଡମ୍ପି କରିବା ଦ୍ୱାରା ଜନ ଅସନ୍ତୋଷ ସୃଷ୍ଟି ହେଉଛି । ବିଭିନ୍ନ ସ୍ଥାନରେ ଅପ୍ରୀତିକର ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି । ଏହାକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ା ଜିଲ୍ଲାର ପାଉଁଶ ସମ୍ବଲପୁର ଜିଲ୍ଲାର ସୀମାରେ ନ ପକାଇବାକୁ ବୋର୍ଡ ଚିଠି କରିଥିଲେ ବି ଦଲାଲମାନେ ବେପରୁଆ ଆଶ୍ ଡମ୍ପି କରି ଚାଲିଛନ୍ତି ।

ଅନ୍ୟପଟେ, ଆସ୍ ପକାଇବା ପରେ ଏହା ଉପରେ ନିୟମ ଅନୁଯାୟୀ ମାଟି ପକାଇବା କଥା । ହେଲେ ତାହାକୁ ମଧ ଉଲଂଘନ କରାଯାଉଛି । ଫଳରେ ସମସ୍ତ ଜଳ ଉତ୍ସ ବି ବିଷାକ୍ତ ହେବାରେ ଲାଗିଛି । ଏଭଳି ସ୍ଥିତିରେ ଏନେଇ ବୋର୍ଡ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ସରକାରଙ୍କ ପର୍ଯ୍ୟନ୍ତ କଠୋର ନିଷ୍ପତ୍ତି ନେବାକୁ ସାଧାରଣରେ ଦାବି ହେଉଛି ।

# ଓଡ଼ିଶାରେ ପୁଣି ବିଜେଡ଼ି

ଭୁବନେଶ୍ୱର: 'ଟାଇମ୍ସ ନାଓ ଇଟିଜି'ର ସର୍ବେକ୍ଷଣ ଅନୁଯାୟୀ ଆଗାମୀ ସାଧାରଣ ନିର୍ବାଚନରେ ଶାସକ ବିଜେଡି ରାଜ୍ୟରେ ଗତ ସାଧାରଣ ନିର୍ବାଚନ ଠାରୁ ଅଧିକ ଭୋଟ୍ ଓ ଅଧିକ ଆସନ ପାଇବ ବୋଲି ପ୍ରକାଶ କରିଛି । ଗତ ଅଗଷ୍ଟ ମାସରେ 'ଟାଇମ୍ସ ନାଓ' ପକ୍ଷରୁ ହୋଇଥିବା ରାଜ୍ୟରେ ବିଜେଡିକୁ ୧୪ଟି ଯାଏ ଲୋକସଭା ଆସନ ମିଳିବ ବୋଲି ଆକଳନ କରାଯାଇଥିଲା । ଏହାର ୪ ମାସ ପରେ ପୁନର୍ବାର ସର୍ଭେରେ 'ଟାଇମ୍ସ ନାଓ' ବିଜେଡି ପୂର୍ବ ଆକଳନଠାରୁ ଆହୁରି ଅଧିକ ଆସନ ପାଇବ ବୋଲି ଆକଳନ କରିବା ସହ ଏହି ସଂଖ୍ୟା ୧୫ରେ ପହଞ୍ଚିପାରେ ବୋଲି ମତ ଦେଇଛି ।

# ୧୫୦୦ ବର୍ଷ ପରେ ଅଯୋଧ୍ୟାରେ ହେବ ଭବ୍ୟ ଅନୁଷ୍ଠାନ


ଅଯୋଧ୍ୟା: ଜାନୁଆରୀ ୨୨ରେ ନୂତନ ମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେବ । ଏଥିପାଇଁ ଅଯୋଧ୍ୟା ସହିତ ସାରା ଦେଶରେ ଜୋରସୋର୍‌ରେ ପ୍ରସ୍ତୁତି ଚାଲିଛି । ଏହି ଉତ୍ସବକୁ ଭବ୍ୟ ବନାଇବା ପାଇଁ ସମସ୍ତ ପ୍ରକାରର ଆୟୋଜନ କରାଯାଉଛି । ଏହି ପ୍ରତିଷ୍ଠା ଉତ୍ସବରେ ୧୨୧ ବୈଦିକ ତଥା କର୍ମକାଣ୍ଡ ବ୍ରାହ୍ମଣ ଯୋଗ ଦେବେ । ଏହା ଭାରତର ସବୁଠାରୁ ବଡ଼ ଧାର୍ମିକ ଅନୁଷ୍ଠାନ ହେବ । କାଶୀର ପଣ୍ଡିତ ଲକ୍ଷ୍ମୀକାନ୍ତ ମଥୁରାଦାସ ଦୀକ୍ଷିତଙ୍କ ନେତୃତ୍ୱରେ ୫୦ ବ୍ରାହ୍ମଣଙ୍କ ଦଳ ଜାନୁଆରୀ ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ଅଯୋଧ୍ୟାରେ ରହିବେ । ପ୍ରାଣ-ପ୍ରତିଷ୍ଠା ପୂର୍ବରୁ ୬୦ଘଣ୍ଟା ପର୍ଯ୍ୟନ୍ତ ଯଜ୍ଞ, ୪ବେଦର ପାରାୟଣ ଏବଂ କର୍ମକାଣ୍ଡ ପାଠ କରାଯିବ । ଶୋଭାଯାତ୍ରା, କଳସ ପୂଜନ, କଳସ ଯାତ୍ରା, ଅଧିବାସ, ନ୍ୟାୟ ପୂଜା ମଧ ହେବ । ୨୨ ତାରିଖ ସକାଳେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉପସ୍ଥିତିରେ ରାମଲଲାଙ୍କ ପ୍ରାଣ-ପ୍ରତିଷ୍ଠା ହେବ । ୧୫୦୦ ବର୍ଷ ପରେ ଦେଶରେ ଏଭଳି ଭବ୍ୟ ଅନୁଷ୍ଠାନ



ଦେଖିବାକୁ ମିଳିବ ବୋଲି କାଶୀର ବୈଦିକ ବ୍ରାହ୍ମଣ ତଥା ଇତିହାସକାରମାନେ କହିଛନ୍ତି । କନୌଜର ମହାନ ହିନ୍ଦୁ ଶାସକ ହର୍ଷବର୍ଦ୍ଧନଙ୍କ କାଳରେ ପ୍ରୟାଗରେ ଦାନ-ପୁଣ୍ୟ ପରେ ଭବ୍ୟ ଯଜ୍ଞାନୁଷ୍ଠାନ ହେଉଥିବା ଶୁଣିବାକୁ ଏବଂ ପଢ଼ିବାକୁ ମିଳୁଛି । ହର୍ଷବର୍ଦ୍ଧନଙ୍କ ବାଂଶଖେଡା ଅଭିଲେଖରେ ଏହାର ପ୍ରମାଣ ରହିଛି । ଏହା ପରେ ଏପରି ଭବ୍ୟ ଅନୁଷ୍ଠାନର କୌଣସି ପ୍ରମାଣ ମିଳିନାହିଁ । ଅନେକ ବର୍ଷ ପରେ ଏଭଳି ବଡ଼ ଧାର୍ମିକ ଅନୁଷ୍ଠାନ ହେବାକୁ ଯାଉଛି । କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚୟୁ) ର ଇତିହାସ ଏବଂ ପ୍ରତ୍ନତତ୍ତ୍ୱ ବିଭାଗର ପ୍ରଫେସର ଅଶୋକ କୁମାର ସିଂହଙ୍କ ଅନୁଯାୟୀ ୧୧ଶ ଶତାବ୍ଦୀ ପରେ ଦେଶରେ ଇସ୍‌ଲାମର ପ୍ରଭାବ ରହିଥିଲା । ସେବେଠାରୁ ଦେଶରେ କୌଣସି ବଡ଼ ଧାର୍ମିକ ଅନୁଷ୍ଠାନ ହୋଇନାହିଁ । ସେହିପରି ହର୍ଷବର୍ଦ୍ଧନଙ୍କ ପରେ ୭ ମରୁ ୧୧ଶ ଶତାବ୍ଦୀ ପର୍ଯ୍ୟନ୍ତ ଛୋଟବଡ଼ ଅନୁଷ୍ଠାନ ହେଉଥିଲା ।

# ସମ୍ବଲପୁର ଲୋକସଭାର ସଂଯୋଜକ ହେଲେ ଗିରୀଶ

ସମ୍ବଲପୁର: ଭାରତୀୟ ଜନତା ପାର୍ଟି ପକ୍ଷରୁ ସମ୍ବଲପୁର ଜିଲ୍ଲାରେ ଦଳର ସଭାପତି ଦାୟିତ୍ୱରେ ଥିବା ବରିଷ୍ଠ ନେତା ଗିରୀଶ ପଟେଲଙ୍କୁ ଆଗାମୀ



୨୦୨୪ ନିର୍ବାଚନ ପାଇଁ ସମ୍ବଲପୁର ଲୋକସଭା ଆସନ ସକାଶେ ଦଳର ସଂଯୋଜକ କରାଯାଇଛି । ଆଗାମୀ ଦିନରେ ସମ୍ବଲପୁର ଲୋକସଭା କ୍ଷେତ୍ର ଅନ୍ତର୍ଗତ ସମ୍ବଲପୁର, ରେଙ୍ଗାଲି, ରେଢ଼ାଖୋଲ, କୁଚିଣ୍ଡା, ଦେବଗଡ଼, ଆଠମଲ୍ଲିକ ଓ ଛେଣ୍ଡିପଦା ବିଧାନସଭା କ୍ଷେତ୍ର ଗୁଡ଼ିକରେ ଦଳକୁ ଆହୁରି ମଜବୁତ କରି ଦଳକୁ ବିଜୟୀ କରାଇବା ପାଇଁ ତାଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି । ଶ୍ରୀ ପଟେଲଙ୍କୁ ଦଳ ପକ୍ଷରୁ ଏହି ଗୁରୁଦାୟିତ୍ୱ ଦିଆଯିବା ପରେ ଆଗାମୀ ଦିନରେ ତାଙ୍କ ଲମ୍ବା ରାଜନୈତିକ ଜୀବନ, ଅନୁଭବ ଯୋଗୁଁ ଦଳ ସମ୍ବଲପୁର ଲୋକସଭା ଆସନ ସହିତ ସମସ୍ତ ୭ଟି ବିଧାନସଭାରେ ବିଜୟୀ ହେବ ବୋଲି ଦଳୀୟ କର୍ମୀମାନେ ଦୃଢ଼ଆଶା ପୋଷଣ କରିବା ସହିତ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଟିପିଡବ୍ଲ୍ୟୁଡିଏଲ୍ ପକ୍ଷରୁ ବ୍ୟବସାୟିକ ସହଯୋଗୀ ସମ୍ମିଳନୀ



ବୁର୍ଲା: ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ୍ ଏବଂ ଏହାର ବ୍ୟବସାୟିକ ସହଯୋଗୀମାନଙ୍କ ମଧରେ ଏକ ମଜବୁତ ସମ୍ପର୍କ ଏବଂ ଦୀର୍ଘମିଆଦୀ ସହଭାଗିତା ଗଠନ ଲକ୍ଷ୍ୟରେ କମ୍ପାନୀ ପକ୍ଷରୁ ବ୍ୟବସାୟିକ ସହଯୋଗୀ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି ।

ଏହି ବ୍ୟବସାୟିକ ସହଯୋଗୀ ସମ୍ମିଳନୀରେ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଅପରେସନ ବିଭାଗର ମୁଖ୍ୟ, ବ୍ୟବସାୟ ବିଭାଗର ମୁଖ୍ୟ, କଣ୍ଟ୍ରାକ୍ଟ ଏବଂ ଷ୍ଟୋର୍ ବିଭାଗର ମୁଖ୍ୟ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ କମ୍ପାନୀର କଣ୍ଟ୍ରାକ୍ଟ ଏବଂ ଷ୍ଟୋର୍ ବିଭାଗର ମୁଖ୍ୟ ଶ୍ରୀ ରାହୁଲ କୁମାର ସ୍ୱାଗତ ଭାଷଣ ଦେଇଥିଲେ । ସେହିପରି କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଗଜାନନ୍ କାଲେଙ୍କ ଦୀର୍ଘମିଆଦି ସହଭାଗୀତା, ସହଯୋଗ, ନୂତନ ପଦକ୍ଷେପ, ସୁରକ୍ଷା ଏବଂ ନୈତିକ କାର୍ଯ୍ୟ ମନ୍ତବ୍ୟକୁ କମ୍ପାନୀର ବ୍ୟବସାୟିକ ସହଯୋଗୀମାନେ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ଟିପିଡବ୍ଲ୍ୟୁଓଡିଏଲ୍‌ରେ ମିଟରିଂ, ବିଲ୍ କଲେକ୍ସନ୍, ମିଟର ମ୍ୟାନେଜମେଣ୍ଟ, ରିକଭରି, ଏନଫୋର୍ସମେଣ୍ଟ ଏବଂ ମିଟର ଇନଷ୍ଟଲେସନ କାର୍ଯ୍ୟ ପରି ବ୍ୟବସାୟିକ କାର୍ଯ୍ୟ କରୁଥିବା ପ୍ରାୟ ୭୦ ବ୍ୟବସାୟିକ ସହଯୋଗୀ ଅଂଶଗ୍ରହଣ କରିଥିଲେ । ଏହି ପରିପେକ୍ଷୀରେ ପଶ୍ଚିମ ଓଡ଼ିଶାବାସୀଙ୍କୁ ତ୍ରୁଟିମୁକ୍ତ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ଟିପିଡବ୍ଲ୍ୟୁଡିଏଲ୍ କମ୍ପାନୀ ତାର ବ୍ୟବସାୟୀକ ସହଯୋଗୀମାନଙ୍କୁ ପ୍ରାୟ ୨୪୬ କୋଟି ଟଙ୍କାର ଅର୍ଡର ପ୍ରଦାନ କରିଅଛି । ଯାହା ଦ୍ୱାରା ପ୍ରାୟ ପଶ୍ଚିମ ଓଡିଶାର ୫୦୦୦ ବ୍ୟକ୍ତିଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇ ପାରିଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ମୁଖ୍ୟ ପରିଚାଳକମାନେ ସେମାନଙ୍କର ଉପସ୍ଥାପନା ରଖୁଥିଲେ ଏବଂ କମ୍ପାନୀର ଲକ୍ଷ୍ୟ ପୂରଣ କରିବା ପାଇଁ ସୁରକ୍ଷା, ବିଧି, ନୈତିକତା ଏବଂ ଅଭିନବ ଚିନ୍ତାଧାରା ଉପରେ ସେମାନଙ୍କର ବିଚାର ବାଣ୍ଟିଥିଲେ । ସେମାନଙ୍କ ଚିନ୍ତାଧାରା ଏବଂ ଅଭିଯୋଗ ବାବଦରେ ଏକ ମୁକ୍ତ ଆଲୋଚନା ଲାଗି ସେମାନଙ୍କୁ ଦିଆଯାଇଥିବା ସୁଯୋଗ ପାଇଁ ବ୍ୟବସାୟିକ ସହଯୋଗୀମାନେ ନିଜର ଖୁସି ବ୍ୟକ୍ତ କରିଥିଲେ । ପରିଶେଷରେ ହେଡ୍- କଣ୍ଟ୍ରାକ୍ଟ ଶ୍ରୀ ସମ୍ବିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏ ସଂଖ୍ୟାରେ..



ବୃହଦନ୍ତ କର୍କଟ ଆଶଙ୍କା କମାଏ ବ୍ୟାୟାମ


ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ବିଟ୍


ଉପକାରୀ ଜୁଆଣି


ରୋଗ ପ୍ରତିରୋଧକାରୀ ଗଙ୍ଗଶିଉଳି


ଲବଙ୍ଗର ଘରୋଇ ଉପଚାର


ମହୁଲର ଉପକାରିତା

## ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ମେଳା ଉଦ୍‌ଯାପିତ

ସମ୍ବଲପୁର: ସ୍ଥାନୀୟ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ପରିସରରେ ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ ଜିଲ୍ଲାସ୍ତରୀୟ ପ୍ରକଳ୍ପ ପ୍ରତିଯୋଗିତା



ଇନ୍ସପେୟାର ଅନୁଷ୍ଠିତ ହେଇଯାଇଛି । ଦୁଇଦିନ ଧରି ଆୟୋଜିତ ହୋଇଯାଇଥିବା ପ୍ରଦର୍ଶନୀର ଉଦଯାପନୀ ଉତ୍ସବରେ ଭିସୁଟର କୁଳପତି ଡଃ ବଂଶୀଧର ମାଝୀ ମୁଖ୍ୟ ଅତିଥି, ଅଂଚଳିକ ଶିକ୍ଷା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଓ ଭିମସାର ବୁର୍ଲା ପ୍ରଫେସର ସାଧୁଚରଣ ପଣ୍ଡା ଓ ଜଣେ ବିସ୍ମୟ କୁନି ବୈଜ୍ଞାନିକ ଭେଙ୍କଟରମଣ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ ପରେ ଜିଲ୍ଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏଡିଇଓ ଜୟଶ୍ରୀ ଦୋରା ସ୍ୱାଗତ ଭାଷଣ ଓ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ପାର୍ଥସାରଥୀ ପ୍ରଧାନ ପ୍ରଦର୍ଶନୀର ବିବରଣୀ ପ୍ରଦାନ କରିଥିଲେ । ଏହି ମେଳାରେ ୧୦୬ଟି ପ୍ରକଳ୍ପ ବିଭିନ୍ନ ବ୍ଲକର ମନୋନୀତ ହେଇଆସିଥିଲା ଏବଂ ପ୍ରକଳ୍ପ ପ୍ରତିଯୋଗିତାରେ ୫୨ଟି ପ୍ରକଳ୍ପ ପ୍ରଦର୍ଶିତ ହେଇଥିଲା । ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ୫ଟି ଥିମ୍‌ରୁ ବୁଢ଼ାରଜା ହାଇସ୍କୁଲର ସତ୍ୟ ସ୍ୱରୂପ ନାୟକ, ନାକଟିଦେଉଳ ଆଦର୍ଶ ବିଦ୍ୟାଳୟର ଏଲିନା ପ୍ରିୟଦର୍ଶିନୀ ବିଶ୍ୱାଳ, ଆୟୁଶୀ ପଟେଲ, ଲେଡି ଲୁଇସ ହାଇସ୍କୁଲର ଲକ୍ଷ୍ମୀପ୍ରିୟା ରାଉତ, ଏମ୍ ଜି ହାଇସ୍କୁଲ, କୁନ୍ତଳା ଭବାନୀ ଶଙ୍କର ପଟେଲ, ଏସ ଏଫ୍ ଏସ୍ ବାମରାର ଏରୋଷ୍ମିତା ଅଗ୍ରୱାଲଙ୍କ ପ୍ରକଳ୍ପ ମନୋନୀତ ହୋଇଥିଲା । ଏହା ବ୍ୟତୀତ ପ୍ରକଳ୍ପ ପ୍ରତିଯୋଗିତା ଇନ୍ସପାୟାରରେ କିସିଣ୍ଡା ହାଇସ୍କୁଲର ଆକାଶ ନାୟକ, ପରମାଣପୁର ହାଇସ୍କୁଲର ବଜରଙ୍ଗ ମିର୍ଦ୍ଧା, ତକବା ଉନ୍ନୀତ ହାଇସ୍କୁଲର ବିଦ୍ୟା ବାଦୀ, ଡିଏଭି ବୁର୍ଲାର ଶ୍ରୀୟା ଶ୍ରୀତମ ପ୍ରଧାନ, ଏସ ଏସ ଡି ଫାଁସିମାଲ ହାଇସ୍କୁଲର ବବିତା ବାଗଙ୍କ ପ୍ରକଳ୍ପ ମନୋନୀତ ହେଇଥିଲା । ମୁଖ୍ୟ ଅତିଥି ମନୋନୀତ କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଜିଲ୍ଲା ହାଇସ୍କୁଲର ପ୍ରଧାନ ଶିକ୍ଷକ ଲୋକିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।ଏ ଅବସରରେ ବିଜ୍ଞାନ କୁଇଜ୍, ମେଜିକ ସୋ ଅନୁଷ୍ଠିତ ହେଇଥିଲା । ବିଜ୍ଞାନ ମେଳାରେ ପୂର୍ବତନ କ୍ରୀଡା ନିରୀକ୍ଷକ ଜଗବନ୍ଧୁ ବେହେରା, ପ୍ରଧାନ ଶିକ୍ଷକ ଦୀପାଳୀ ଚୌଧୁରୀ, ସୁଶୀଲ ପାଣିଗ୍ରାହୀ ସୁମିତା ପତ୍ରୀ, ଶିକ୍ଷକ ହରିନାରାୟଣ ପଣ୍ଡା, ରାକେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ସୁବର୍ଣ୍ଣପୁରରେ ବିଜେଡିର ପ୍ରଶିକ୍ଷଣ ଶିବିର

ସୋନପୁର: ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ଓ ସୋନପୁର ବ୍ଲକର ହଜାର ହଜାର ସକ୍ରିୟ ସଦସ୍ୟା ସଦସ୍ୟଙ୍କୁ ନେଇ ଦଳ ପକ୍ଷରୁ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା । ନୂତନ ଟାଉନ ହଲ ପରିସରରେ ଆୟୋଜିତ ଶିବିରରେ ସୋନପୁର ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆସନ୍ତା ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି । ନିଜ ବୁଥର ଭୋଟରଙ୍କ ନିକଟକୁ ଯାଇ ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିବାକୁ ମନ୍ତ୍ରୀ ପୂଜାରୀ ଏହି ଅବସରରେ ଦଳୀୟ କର୍ମୀଙ୍କୁ ପରାମର୍ଶ ଦେଇଥିଲେ । ବରଗଡ ବିଧାୟକ ତଥା ସୁବର୍ଣ୍ଣପୁର ଜିଲା ପର୍ଯ୍ୟବେକ୍ଷକ ଦେବେଶ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଦଳୀୟ ନେତୃବୃନ୍ଦ ଓ କର୍ମକର୍ତ୍ତା ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ । ରାଜ୍ୟ ସରକାରଙ୍କ ବିକାଶର ବାର୍ତ୍ତାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ସହ ସାମାଜିକ ଗଣମାଧମରେ ସକ୍ରିୟ ରହିବାକୁ ଆଚାର୍ଯ୍ୟ ଗୁରୁତ୍ୱାରୋପ କରିଥିଲେ । ବିଜେଡି ଜିଲା ସଭାପତି ତଥା ତରଭା ବ୍ଲକ ଅଧକ୍ଷ ସରୋଜ କର୍ମ୍ମ ସଭାରେ ଅଧକ୍ଷତା କରିଥିଲେ । ସୁବର୍ଣ୍ଣପୁର ପୌରାଧକ୍ଷା ତାମସି ତାମସ୍ମିତା ନାୟକ, ଉପାଧକ୍ଷା ମଲ୍ଲିକା ଦାନୀ, ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ପ୍ରକାଶ ସାହୁ, ଅଭିମନ୍ୟୁ କୁଶଳ, ସୋନପୁର ବ୍ଲକ ଅଧକ୍ଷ ପ୍ରହଲ୍ଲାଦ ନାୟକ, ଜିଲା ପରିଷଦ ସଭ୍ୟ ମଧୁସୂଦନ ଓତା, ବିଜେଡି ସୋନପୁର ବ୍ଲକ ସଭାପତି ଶଙ୍କର ପ୍ରସାଦ ସା, ସୁବର୍ଣ୍ଣପୁର ଟାଉନ ବିଜେଡି ସଭାପତି ଜନ୍ମେଜୟ ପାତ୍ର, ମୀନତି ସାହୁ, ଛାତ୍ର ବିଜେଡି ଜିଲା ସଭାପତି ଶାଶ୍ୱତ କୁମାର ମିଶ୍ର, ନୀଳାମ୍ବର ଶତପଥୀ, ମାନଭଞ୍ଜନ ବେଦ୍‌କ, ଗୋପାଳ ବରେଇ, ରାଜକୁମାର ସୁନାଙ୍କ ସମେତ ସମସ୍ତ ଦଳୀୟ କାଉନସିଲର, ସରପଞ୍ଚ, ନାଏବ ସରପଞ୍ଚ, ସମିତି ସଭ୍ୟ, ଓ ଅର୍ଡ ସଭ୍ୟ ଶିବିରରେ ଅଂଶଗ୍ରହଣ କରିଥିଲେ । ଭୁବନେଶ୍ୱରରୁ ଆସିଥିବା ସଞ୍ଜିବ ପୃଷ୍ଟି ଓ ଦେବାଶିଷ ସ୍ୱାଇଁ ଦଳୀୟ ରଣକୌଶଳ ଓ ଯୋଜନା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ ।

## ବ୍ୟାଖ୍ୟାଧର୍ମୀ ସାମ୍ବାଦିକତା

**ଡକ୍ଟର ପ୍ରଦୀପ ମହାପାତ୍ର**
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ସ**ମ୍ବାଦ ରଚନାରେ ବ୍ୟାଖ୍ୟାଧର୍ମୀ ସାମ୍ବାଦିକତା ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ । କୌଣସି ବିଷୟରେ ସମ୍ବାଦ ରଚନା କାଳରେ ପୁଙ୍ଖାନୁପୁଙ୍ଖ ତଥ୍ୟ ଅବତାରଣା, ବିଶ୍ଳେଷଣ ଓ ସାବଲୀଳ ଉପସ୍ଥାପନକୁ ବ୍ୟାଖ୍ୟାଧର୍ମୀ ସାମ୍ବାଦିକତା 'ଏକ୍ସପ୍ଲାନାଟୋରୀ ଜର୍ଣ୍ଣାଲିଜମ' ଅଭିହିତ । ଆନ୍ତର୍ଜାତିକ ସ୍ତରରେ ସାମ୍ବାଦିକତାରେ ଉତ୍କର୍ଷ ଚିହ୍ନଟ କରି ପ୍ରଦତ୍ତ 'ପୁଲିଜର' ପୁରସ୍କାର ତାଲିକାରେ ୧୯୮୫ରୁ ୧୯୯୭ ମଧ୍ୟରେ 'ଏକ୍ସପ୍ଲାନାଟୋରୀ ଜର୍ଣ୍ଣାଲିଜମ' ବର୍ଗରେ ପୁରସ୍କାର ପ୍ରଦାନ ବ୍ୟବସ୍ଥା ଥିଲା । ୧୯୯୭ରୁ ତାହା 'ଏକ୍ସପ୍ଲାନାଟୋରୀ ରିପୋର୍ଟିଂ'କୁ ପରିବର୍ତ୍ତିତ ହୋଇଛି । ୧୯୮୫ରେ ମାର୍କିନ ସମ୍ବାଦପତ୍ର 'ବାଲଟିମୋରେ ଇଭନିଂ ସନ' ପ୍ରଥମ ଥର ନିମନ୍ତେ ପୁରସ୍କୃତ ହୋଇଥିବା ସ୍ଥଳେ ୨୦୨୩ର ଯୁଗ୍ମ ପୁରସ୍କାର ବିଜେତାଭାବେ 'ପ୍ରୋ-ପାବ୍ଲିକା' ଓ 'ଦି ୱାଶିଂଟନ ପୋଷ୍ଟ' ପୁରସ୍କୃତ ।

ପୁଲିଜର ପୁରସ୍କାର ସନନ୍ଦରେ ବର୍ଣ୍ଣନା ପ୍ରକାରେ 'ଏକ୍ସପ୍ଲାନାଟୋରୀ ରିପୋର୍ଟିଂ'ରେ ଦକ୍ଷତା ବିଚାର କାଳରେ ଏକ ପ୍ରମୁଖ 'ସିଗ୍ନିଫିକେଣ୍ଟ' ଓ ଜଟିଳ 'କମ୍ପ୍ଲେକ୍ସ' ବିଷୟ ସମ୍ବାଦ ଆକାରରେ ଉପସ୍ଥାପନାରେ ଚାତୁର୍ଯ୍ୟ 'ମାଷ୍ଟରୀ', ସରଳ 'କ୍ଲିୟାର', ସାବଲୀଳ 'ଲୁସିଡ଼' ଓ ସାମ୍ବାଦିକତା ସାଧନ 'ଟୁଲସ' ବ୍ୟବହାରକୁ ଗୁରୁତ୍ୱ ଦିଆଯାଏ । ଅର୍ଥାତ, ସମ୍ବାଦ ରଚନାରେ ଚାତୁର୍ଯ୍ୟ ସହ ଚିତ୍ର, ଚାର୍ଟ, ସାଇଡ଼ବାର ଇତ୍ୟାଦି ବ୍ୟବହାରରେ ସମ୍ବାଦଟି କିପରି ପାଠକ, ଶ୍ରୋତା କିମ୍ବା ଦର୍ଶକଙ୍କ ବୋଧଗମ୍ୟ ହୋଇପାରିବ ସେଦିଗରେ ଉଦ୍ୟମ ଅନ୍ତର୍ଭୁକ୍ତ । ବ୍ୟାଖ୍ୟାଧର୍ମୀ ସାମ୍ବାଦିକତା ସମ୍ବାଦ ମଞ୍ଚର ଗୁଣବତ୍ତା ବିକାଶରେ ସହାୟକ ହୋଇଥାଏ ।

ସମ୍ବାଦ କଥନ ଓ ରଚନା ଆରମ୍ଭ କାଳରୁ ବ୍ୟାଖ୍ୟାଧର୍ମୀ ସାମ୍ବାଦିକତାର ପ୍ରଚଳନ ରହିଆସିଛି । ବିଭିନ୍ନ ପର୍ଯ୍ୟାୟରେ ଏହି ଧାରାର ଗୁରୁତ୍ୱ ଚର୍ଚ୍ଚା ଲାଗି ଅବସର ସୃଷ୍ଟି ହୋଇଥାଏ । ପାରମ୍ପରିକ ଭାବେ ମୁଦ୍ରିତ ଦୈନିକ ସମ୍ବାଦପତ୍ର ତୁଳନାରେ ସାପ୍ତାହିକ, ପାକ୍ଷିକ ବା ମାସିକ ସମ୍ବାଦ ପତ୍ରିକାରେ ବ୍ୟାଖ୍ୟାଧର୍ମୀ ସାମ୍ବାଦିକତାର ଅଧିକ ଆଦର ଦେଖିବାକୁ ମିଳେ । ଡ଼ିଜିଟାଲ ମଞ୍ଚର ବିକାଶ ବ୍ୟାଖ୍ୟା ସାମ୍ବାଦିକତା ଲାଗି ଅନୁକୂଳ ପରିବେଶ ଗଢ଼ି ତୋଳିଥିଲା ।

ଗଣମାଧମ ବିଶ୍ଳେଷକଙ୍କ ମତରେ ପ୍ରଥମତଃ, ଅନଲାଇନ ସାମ୍ବାଦିକତାରରେ ଅସତ୍ୟ ସମ୍ବାଦ ପ୍ରସାର ଫଳରେ ପ୍ରତିଷ୍ଠିତ ସମ୍ବାଦ ମଞ୍ଚଗୁଡ଼ିକ ଉପଭୋକ୍ତାଙ୍କୁ ନିର୍ଭରଯୋଗ୍ୟ ସମ୍ବାଦ ଯୋଗାଣରେ ଘଟଣାର ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା ପ୍ରତି ଗୁରୁତ୍ୱ ଦେଲେ । ମୁଖ୍ୟତଃ ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକ ଆରମ୍ଭରୁ ବ୍ୟାଖ୍ୟାଧର୍ମୀ ସାମ୍ବାଦିକତା ପୁନଃପ୍ରସାର ଲାଭ କରିଥିଲା । ଦ୍ୱିତୀୟତଃ, ମହାମାରୀ-ପର ପରିବେଶରେ ସମ୍ବାଦ ବିମୁଖ ଧାରା ସଂପ୍ରସାରଣରେ ସମ୍ବାଦ ଉପଭୋକ୍ତାମାନେ ନିୟମିତ ବଦଳରେ ସାମୟିକ ସମ୍ବାଦ ଆହରଣରେ ସମ୍ବାଦର ପୂର୍ବା-ପର ତଥ୍ୟାବଳୀ ଖୋଜିବା ଆରମ୍ଭ କଲେ । ଫଳରେ ସମ୍ବାଦମଞ୍ଚଗୁଡ଼ିକ ନିଜ ଗୁରୁତ୍ୱ ବଜାୟ ରଖିବା ନିମନ୍ତେ ବ୍ୟାଖ୍ୟାଧର୍ମୀ ସାମ୍ବାଦିକତା ଆଶ୍ରିତ ହୋଇପଡ଼ିଲେ ।

ଉଦାହରଣରେ 'ବ୍ଲୁମବର୍ଗ' ପକ୍ଷରୁ ଅକ୍ଟୋବର ୨୦୧୩ରେ ବ୍ୟାଖ୍ୟା ସାମ୍ବାଦିକତାର ସ୍ୱତନ୍ତ୍ର ବିଭାଗ 'କୁଇକ ଟେକ' ଓ 'ଦି ନ୍ୟୁୟର୍କ ଟାଇମ୍ସ' ପକ୍ଷରୁ 'ଦି ଆପସୁଟ' ପ୍ରକାଶନ ଉଲ୍ଲେଖନୀୟ ବ୍ୟାଖ୍ୟାଧର୍ମୀ ସାମ୍ବାଦିକତା । ଋଷ-ୟୁକ୍ରେନ ଯୁଦ୍ଧ ଫେବୃୟାରୀ ୨୦୨୨ରେ ଆରମ୍ଭ ହେବାପରେ ଜୁନ ୨୦୨୨ରେ ଏକ ଅନ୍ତଃରାଷ୍ଟ୍ରୀୟ ସାମ୍ବାଦିକ ଗୋଷ୍ଠୀ ପକ୍ଷରୁ 'ଭ୍ରନ ମିଡ଼ିଆ' ନାମରେ ବ୍ୟାଖ୍ୟାଧର୍ମୀ ଡ଼ିଜିଟାଲ ସମ୍ବାଦମଞ୍ଚ ପ୍ରତିଷ୍ଠିତ ହୋଇଥିଲା । ଯୁଦ୍ଧ ଅବସରରେ ଗୁଜବ ଓ ପ୍ରଚାରଧର୍ମୀ ସମ୍ବାଦ ପ୍ରସାରଣ ପ୍ରତିରୋଧ ତଥା ଯୁଦ୍ଧଜନିତ ପରିସ୍ଥିତି ସଂପର୍କରେ ମୁଖ୍ୟତଃ ଯୁଦ୍ଧ ପ୍ରପୀଡ଼ିତ ଜନସାଧାରଣ କିପରି ବିସ୍ତୃତ ବିବରଣୀ ପାଇପାରିବେ ସେହି ଦିଗରେ ଯତ୍ନ ଦିଆଯାଇଥିଲା ।

ବ୍ୟାଖ୍ୟାଧର୍ମୀ ସାମ୍ବାଦିକତାରେ ସାଧାରଣତଃ ଉପଭୋକ୍ତା ଜାଣିନଥିବା ବା ଅଳ୍ପଜାଣିଥିବା ବିଷୟବସ୍ତୁ ନିର୍ବାଚନ କରାଯାଇଥାଏ । ଉଦାହରଣରେ ଜଳବାୟୁ ପରିବର୍ତ୍ତନ ଭଳି ଜଟିଳ, ଆର୍ଜେଣ୍ଟିନା ଭଳି ରାଷ୍ଟ୍ରରେ ନିର୍ବାଚନ କିମ୍ବା କୃତ୍ରିମ ବୁଦ୍ଧିମତ୍ତା ଭଳି ଜାଣିନଥିବା ବିଷୟରେ ଘଟଣାବଳୀର ବିଶଦ ବିବରଣୀ ଆବଶ୍ୟକ ହୁଏ । ଅପରପକ୍ଷେ ଉପଭୋକ୍ତା ସଂପୂର୍ଣ୍ଣ ପରିଚିତଥିବା ବିଷୟାବଳୀରେ ମଧ ବ୍ୟାଖ୍ୟାଧର୍ମୀ ସାମ୍ବାଦିକତା ଉପାଦେୟ । ସ୍ଥାନୀୟ ସାର୍ବଜନୀନ ଜଳଯୋଗାଣ, ପରିବହନ ବା ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସଂପର୍କରେ ବର୍ଣ୍ଣନା ଉପଭୋକ୍ତାଙ୍କ ଆଗ୍ରହ ଚରିତାର୍ଥ କରେ ।

ଚଳନ୍ତି ସମ୍ବାଦଭିତ୍ତିକ ବ୍ୟାଖ୍ୟା ସୀମିତ ଅବଧି ଏବଂ ସମସ୍ୟାଭିତ୍ତିକ ବ୍ୟାଖ୍ୟା ସ୍ଥାୟୀ । ଯେଉଁ ଅନୁଶୀଳନଗୁଡ଼ିକ ଦୀର୍ଘ ସମୟ ଧରି ସମ୍ବାଦମଞ୍ଚରେ ଆକର୍ଷଣ ଦାବି କରେ ସେଗୁଡ଼ିକୁ ସମୟନ୍ତେ ସଂଶୋଧନ କରିବାକୁ ପଡ଼ିଥାଏ । ବ୍ୟାଖ୍ୟା ରଚନାଗୁଡ଼ିକର ଶୀର୍ଷକ ପ୍ରସ୍ତୁତିରେ ସାବଧାନତା ଅବଲମ୍ବନ ଆବଶ୍ୟକ । ପ୍ରସ୍ତୁତ ରଚନାର ସାରାଂଶ ଶୀର୍ଷକରେ ସ୍ଥାନିତ ହେଲେହେଁ କିପରି ଉପଭୋକ୍ତାଙ୍କ ଦୃଷ୍ଟି ଆକର୍ଷଣ କରିପାରିବେ ସେ ଦିଗରେ ଗୁରୁତ୍ୱ ଦିଆଯାଏ । ଅନଲାଇନରେ ସର୍ଚ୍ଚ ଇଞ୍ଜିନ ଅପ୍ଟିମାଇଜେସନ ପାଇଁ ଦୃଷ୍ଟି ରଖିବାକୁ ପଡେ ।

ମୁଦ୍ରିତ ସମ୍ବାଦପତ୍ର ଓ ପତ୍ରପତ୍ରିକାରେ ବ୍ୟାଖ୍ୟାଭିତ୍ତିକ ରଚନା 'ଏକ୍ସପ୍ଲେନର' ଲୋକାଦୃତ । ଏହି ରଚନାରେ ଚାର୍ଟ, ଗ୍ରାଫ, ଫାକ୍ଟ ବକ୍ସ, ସାଇଡ଼ବାର ଭଳି ଅଳଂକରଣ ସଂଲଗ୍ନ କରାଯାଇଥାଏ । ସମ୍ବାଦ ମାଧମରେ ଘଟଣା ସଂପର୍କରେ ଅବଗତ ହେବା ବ୍ୟବସ୍ଥା ଥିବା ସ୍ଥଳେ ବ୍ୟାଖ୍ୟାଭିତ୍ତିକ ରଚନାରେ ଘଟଣାଟିକୁ ଗଭୀର ସ୍ତରରେ ବୁଝିବାଲାଗି ପରିବେଶ ସୃଷ୍ଟିଲାଗି ଉଦ୍ୟମ ହୋଇଥାଏ । ସ୍ଥଳବିଶେଷରେ ଗୋଟିଏ ରଚନା ବଦଳରେ ଧାରାବାହିକ ଭାବେ ବହୁ ରଚନା 'ସିରିଜ' ପ୍ରକାଶନର ବ୍ୟବସ୍ଥା ମଧ ଦେଖିବାକୁ ମିଳେ ।

ବ୍ୟାଖ୍ୟାଭିତ୍ତିକ ରଚନା ଏକ ସାମ୍ବାଦିକତା ଶୈଳୀ 'ଫର୍ମୁଲା' । ସମକାଳରେ ମହାମାରୀ-ପର ପରିବର୍ତ୍ତିତ ପରିବେଶରେ ବିଭିନ୍ନ କାରଣରୁ ସମ୍ବାଦ ମଞ୍ଚ ଦୁର୍ଦ୍ଦଶାଗ୍ରସ୍ତ । ଏକପକ୍ଷରେ ବିଜ୍ଞାପନ ଆୟ ସମୃଦ୍ଧ ପାରମ୍ପରିକ ବ୍ୟାବସାୟିକ ମଡ଼େଲ ଭୁଷୁଡ଼ି ପଡ଼ିଥିବା ସ୍ଥଳେ ଅପରପକ୍ଷରେ ସମ୍ବାଦ ମଞ୍ଚ ଭିନ୍ନ ଅନ୍ୟାନ୍ୟ ସୂତ୍ରରୁ ସମ୍ବାଦ ଆହରଣ ତଥା ସମ୍ବାଦ ବିମୁଖ ପରିବେଶ କାଳ ସାଜିଛି । ସମ୍ବାଦ ମଞ୍ଚଗୁଡ଼ିକ ପୁରାତନ ଉପଭୋକ୍ତାଙ୍କୁ ପ୍ରତିଟି ଗୁରୁତ୍ୱପୂର୍ଣ୍ଣ ଘଟଣା ସଂପର୍କରେ ପୂର୍ଣ୍ଣ ଅବଗତ କରାଇ ବାନ୍ଧି ରଖିବା ତଥା ନୂତନ ଉପଭୋକ୍ତାଙ୍କୁ ଆକର୍ଷିତ କରିବାରେ ବ୍ୟାଖ୍ୟାଧର୍ମୀ ସାମ୍ବାଦିକତା ବିଶେଷ ସହାୟକ ହୋଇପାରିବ ।

'ନ୍ୟୁ-ନରମାଲ'ରେ ଷ୍ଟ୍ରିମିଂ ମଞ୍ଚ ୟୁଟ୍ୟୁବ ବହୁ ସମ୍ବାଦ ଉପଭୋକ୍ତାଙ୍କୁ ଆକର୍ଷିତ କରୁଛି । ଅନେକ କ୍ଷେତ୍ରରେ ସ୍ମାର୍ଟଫୋନ ଯୋଗେ ସମ୍ବାଦ କିମ୍ବା ଅଣ-ସମ୍ବାଦ ମଞ୍ଚ ଯୋଗେ କୌଣସି ଦୃଷ୍ଟି ଆକର୍ଷଣକାରୀ ଘଟଣା ସଂପର୍କରେ ଅବଗତ ହେବାପରେ ସାଧାରଣ ଉପଭୋକ୍ତା ୟୁଟ୍ୟୁବରେ ବିସ୍ତୃତ ବିବରଣୀ ଖୋଜିବା ଧାରା ବଢୁଛି । ୟୁଟ୍ୟୁବରେ ବିଭିନ୍ନ ଉଲ୍ଲେଖଯୋଗ୍ୟ ବିଷୟ ସଂପର୍କରେ ବିଭିନ୍ନ ସୂତ୍ରରୁ ବିନା ପ୍ରତିବନ୍ଧକରେ ବ୍ୟାଖ୍ୟାମୂଳକ ଭିଡ଼ିଓ ଉପଲବ୍ଧ । ଦୈନନ୍ଦିନ ସମ୍ବାଦ ବ୍ୟାଖ୍ୟା ନିମନ୍ତେ ଭାରତରେ ଜାତୀୟସ୍ତରରେ ୨୦୨୩ ଶେଷ ସୁଦ୍ଧା ଏକାଧିକ ୟୁଟ୍ୟୁବ ଚ୍ୟାନେଲ ଲୋକପ୍ରିୟତା ହାସଲ କରିଥିବା ପରିଦୃଷ୍ଟ । କ୍ରମଶଃ ଏହି ଧାରା ଆଞ୍ଚଳିକ ଓ ସ୍ଥାନୀୟ ସ୍ତରକୁ ପରିବ୍ୟାପ୍ତ ହେବା ଆଶା କରାଯାଇପାରେ । ବିକଶିତ ରାଷ୍ଟ୍ରଗୁଡ଼ିକରେ ପଡ଼କାଷ୍ଟ ପ୍ରବାହ ଆରମ୍ଭ ହୋଇଥିବା ସ୍ଥଳେ ଏଠାରେ ମଧ ପ୍ରତିଫଳିତ ହେବା ସମ୍ଭବ । ୟୁଟ୍ୟୁବ ଭିଡ଼ିଓ ଓ ପଡ଼କାଷ୍ଟ ବ୍ୟାଖ୍ୟାଧର୍ମୀ ସାମ୍ବାଦିକତାକୁ ମୂଳ ପୁଞ୍ଜି କରି ଗଢ଼ି ଉଠିଥାଏ ।

ଆମ ରାଜ୍ୟରେ ମୁଦ୍ରିତ ସମ୍ବାଦପତ୍ରଗୁଡ଼ିକ ବ୍ୟାଖ୍ୟାଧର୍ମୀ ସାମ୍ବାଦିକତାକୁ ଗୁରୁତ୍ୱ ଦେବା ସମୟ ଉପନୀତ । ମୋବାଇଲ ଓ ଟେଲିଭିଜନରେ ସମ୍ବାଦ ଅବଗତ ହେବାପରେ ସମ୍ବାଦ ଉପଭୋକ୍ତା ମୁଦ୍ରିତ ସମ୍ବାଦପତ୍ର ପୃଷ୍ଠାରେ ପହଞ୍ଚୁଥିବା ଅବସରରେ ଘଟଣା ପ୍ରବାହ ସଂପର୍କରେ ସୁବିସ୍ତୃତ ବିବରଣୀ ନପାଇପାରିଲେ ଅସନ୍ତୁଷ୍ଟ ହେବା ସ୍ୱାଭାବିକ । ବ୍ୟାଖ୍ୟାଧର୍ମୀ ସାମ୍ବାଦିକତା ଉପଯୋଗ କାଳରେ ସମ୍ବାଦ ଓ ଅଭିମତ ମଧ୍ୟରେ ଦୃଶ୍ୟମାନ ଅନ୍ତର ରଖାଯିବା ବିଧେୟ । ବ୍ୟାଖ୍ୟାଭିତ୍ତିକ ସମ୍ବାଦ ପରିବେଷଣରେ ପକ୍ଷପାତିତା ଅବଲମ୍ବନ କଲେ ଦୀର୍ଘସୂତ୍ରରେ ପାଠକୀୟ ବିଶ୍ୱସନୀୟତା ହରାଇ ବସେ । ବ୍ୟାଖ୍ୟାଧର୍ମୀ ସାମ୍ବାଦିକତା ପ୍ରଚଳନ ନିମନ୍ତେ ସୃଜନ, ସମୟ ଓ ଆର୍ଥିକ ନିବେଶ ଆବଶ୍ୟକ ପଡ଼ିଥାଏ, ଏହା ସାମ୍ବାଦିକତାର ଗୁଣବତ୍ତା ବିକାଶରେ ସହାୟକ ।

# ବିନୁ ପଦ ଚଲଇ ସୁନଇ ବିନୁ କାନା

**ବ୍ରହ୍ମ** ଆଦି, ଅନନ୍ତ, କାରଣ ତାଙ୍କର କୌଣସି ଆରମ୍ଭ କି ଅନ୍ତ ନାହିଁ । ସେ ଅସୀମ, କାରଣ ତାଙ୍କର କୌଣସି ସୀମା ନାହିଁ । ସେ ଅରୂପ, କାରଣ ତାଙ୍କର କୌଣସି ରୂପ ନାହିଁ । ସେ ନିରାକାର, କାରଣ ତାଙ୍କର କୌଣସି ଆକାର ନାହିଁ । କିନ୍ତୁ ସେହି ନିର୍ଗୁଣ, ନିରାକାର, ଅରୂପ, ଅବ୍ୟକ୍ତ ବ୍ରହ୍ମ ନିଜର ଇଚ୍ଛା ଓ ସଂକଳ୍ପ ମାତ୍ରେ ନିରାକାର ହୋଇ ମଧ ସାକାର ହୋଇଯାନ୍ତି, ନିର୍ଗୁଣ ହୋଇ ମଧ ସଗୁଣ ହୋଇଯାନ୍ତି । ଅବ୍ୟକ୍ତ ହୋଇ ମଧ ବ୍ୟକ୍ତ ହୋଇଯାନ୍ତି । ଅରୂପ ହୋଇ ମଧ ସେ ସ୍ୱରୂପ ହୋଇଯାନ୍ତି । କାହିଁକି ?

କାରଣ ସେହି ସର୍ବଜ୍ଞ, ସର୍ବବ୍ୟାପୀ, ସର୍ବସାକ୍ଷୀ, ସର୍ବଶକ୍ତିମାନ୍ ବ୍ରହ୍ମଙ୍କ ପାଇଁ କିଛି ବି ଅସମ୍ଭବ ନୁହେଁ । ସେହି ବ୍ରହ୍ମଙ୍କ ମହିମାକୁ ପ୍ରକାଶିତ କରି ଭଗବାନ ଶିବ ରାମଚରିତ ମାନସରେ ମାତା ପାର୍ବତୀଙ୍କୁ କହୁଛନ୍ତି –

ବିନୁ ପଦ ଚଲଇ ସୁନଇ ବିନୁ କାନା ।
କର ବିନୁ କରମ କରଇ ବିଧି ନାନା ।
ଆନନ ରହିତ ସକଲ ରସ ଭୋଗୀ ।
ବିନୁ ବାନୀ ବକତା ବଡ଼ ଜୋଗୀ ।
ତନ ବିନୁ ପରସ ନୟନ ବିନୁ ଦେଖା ।
ଗ୍ରହଇ ଘ୍ରାନ ବିନୁ ବାସ ଅସେଷା ।
ଅସି ସବ ଭାଁତି ଅଲୌକିକ କରନୀ ।
ମହିମା ଜାସୁ ଜାଇ ନହିଁ ବରନୀ ।

ଅର୍ଥାତ୍ ସେହି (ବ୍ରହ୍ମ) ବିନା ପାଦରେ ଚାଲନ୍ତି, ବିନା କାନରେ ଶୁଣନ୍ତି, ବିନା ହାତରେ ନାନା ପ୍ରକାର କାମ କରନ୍ତି, ବିନା ମୁଖ (ଜିହ୍ୱା)ରେ ସମସ୍ତ ରସର ଆନନ୍ଦ ନିଅନ୍ତି ଏବଂ ବିନା ବାଣୀରେ ଯୋଗ୍ୟ ବକ୍ତା ଅଟନ୍ତି । ସେ ବିନା ଶରୀର (ତ୍ୱଚା)ରେ ସ୍ପର୍ଶ କରନ୍ତି, ବିନା ଆଖିରେ ଦେଖନ୍ତି ଓ ବିନା ନାକରେ ସମସ୍ତ ଗନ୍ଧକୁ ଗ୍ରହଣ କରନ୍ତି (ଶୁଂଘନ୍ତି) । ସେହି ବ୍ରହ୍ମଙ୍କ କାର୍ଯ୍ୟ ସବୁ ପ୍ରକାରେ ଏତେ ଅଲୌକିକ ଯେ ତାଙ୍କର ମହିମା କୁହାଯାଇ ପାରିବ ନାହିଁ ।

ସେହି ବ୍ରହ୍ମ ସ୍ୱୟଂର ଇଚ୍ଛା ଓ ସଂକଳ୍ପ କାରଣରୁ ଅଗୁଣ ହୋଇ ମଧ ସଗୁଣ ହୋଇଯାନ୍ତି, ନିରାକାର ହୋଇ ମଧ ସାକାର ହୋଇଯାନ୍ତି, ଅରୂପ ହୋଇ ମଧ ସ୍ୱରୂପ ହୋଇଯାନ୍ତି, ଅବ୍ୟକ୍ତ ହୋଇ ମଧ ବ୍ୟକ୍ତ ହୋଇଯାନ୍ତି । ସେଥିପାଇଁ ତ ଭଗବାନଙ୍କ ବିଭିନ୍ନ ଅବତାରରେ ନିର୍ଗୁଣ, ନିରାକାର, ଅରୂପ, ଅବ୍ୟକ୍ତ ବ୍ରହ୍ମ ସ୍ୱୟଂକୁ ବିଭିନ୍ନ ରୂପରେ, ଗୁଣରେ ବ୍ୟକ୍ତ କରିଛନ୍ତି ।

ସେହି ନିର୍ଗୁଣ, ନିରାକାର, ଅବ୍ୟକ୍ତ, ଅରୂପ ବ୍ରହ୍ମ ହିଁ ସ୍ୱୟଂକୁ ବ୍ରହ୍ମା, ବିଷ୍ଣୁ, ମହେଶ, ରାମ, କୃଷ୍ଣ, ଦୁର୍ଗା, କାଳୀ, ଲକ୍ଷ୍ମୀ, ରାଧା, ଗାୟତ୍ରୀ ଆଦି ବିଭିନ୍ନ ରୂପରେ ବ୍ୟକ୍ତ କରିଛନ୍ତି । ସେହି ବ୍ରହ୍ମଙ୍କର କୌଣସି ପ୍ରତିମା, ନାହିଁ, କିନ୍ତୁ ସେହି ବ୍ରହ୍ମ ମୀରାବାଈ, ରାମକୃଷ୍ଣ ପରମହଂସଙ୍କ ଭଳି ନିଶ୍ଛଳ, ନିର୍ଦ୍ଦୋଷ ଭକ୍ତମାନଙ୍କ ସକାଶେ ସ୍ୱୟଂକୁ ପ୍ରତିମାରେ ମଧ ପ୍ରକଟ କରିଥିଲେ ।

ନିର୍ଗୁଣ, ନିରାକାର ବ୍ରହ୍ମ ହିଁ ସ୍ୱୟଂକୁ ଶବରୀ, ସୁରଦାସ, ତୁଳସୀଦାସ, ସନ୍ଥ ନାମଦେବ, ସନ୍ଥ ଏକନାଥ, ତୁକାରାମଙ୍କ ଭଳି ଭକ୍ତମାନଙ୍କ ସମକ୍ଷରେ ସ୍ୱୟଂକୁ ସାକାର ରୂପେ ପ୍ରକଟ କରିଥିଲେ । ସମୟ ସମୟରେ ବିଭିନ୍ନ ଯୁଗରେ ସେହି ନିରାକାର ବ୍ରହ୍ମ ଜଗତ ଓ ଭକ୍ତମାନଙ୍କ କଲ୍ୟାଣ ନିମନ୍ତେ ସ୍ୱୟଂକୁ ବ୍ୟକ୍ତ କରିଛନ୍ତି । ଏଣୁ ସଗୁଣ ଓ ନିର୍ଗୁଣ, ଅବ୍ୟକ୍ତ ଓ ବ୍ୟକ୍ତ, ଅରୂପ ଓ ସ୍ୱରୂପ ମଧରେ କୌଣସି ଭେଦ ନାହିଁ, କୌଣସି ଅନ୍ତର ନାହିଁ । ଭଗବାନ ଶିବ ଏହି ସତ୍ୟକୁ ରାମଚରିତ ମାନସରେ ପ୍ରକାଶିତ କରି କହିଛନ୍ତି-

ସଗୁନହି ଅଗୁନହି ନହିଁ କଛୁ ଭେଦା ।
ଗାୱହିଁ ମୁନି ପୁରାନ ବୁଧ ବେଦା ।।
ଅଗୁନ ଅରୂପ ଅଲଖ ଅଜ ଜୋଈ ।
ଭଗତ ପ୍ରେମ ବସ ସଗୁନ ସୋ ହୋଈ ।
ଜୋ ଗୁନ ରହିତ ସଗୁନ ସୋଇ କୈସେଂ ।
ଜଲୁ ହିମ ଉପଲ ବିଲଗ ନହିଁ ଜୈସେଂ ।
ଜାସୁ ନାମ ଭ୍ରମ ତିମିର ପତଂଗା ।
ତେହି କିମି କହିଅ ବିମୋହ ପ୍ରସଂଗା ।
ହରଷ ବିଷାଦ ଗ୍ୟାନ ଅଗ୍ୟାନା ।
ଜୀବ ଧର୍ମ ଅହମିତି ଅଭିମାନା ।
ରାମ ବ୍ରହ୍ମ ବ୍ୟାପକ ଜଗ ଜାନା ।
ପରମାନନ୍ଦ ପରେସ ପୁରାନା ।

ଅର୍ଥାତ୍ ସଗୁଣ ଓ ନିର୍ଗୁଣ ମଧରେ କୌଣସି ଭେଦ ନାହିଁ ବୋଲି ମୁନି, ପୁରାଣ, ପଣ୍ଡିତ ଓ ବେଦ ସମସ୍ତେ କହନ୍ତି । ଯିଏ ନିର୍ଗୁଣ, ଅରୂପ (ନିରାକାର), ଅଲଖ (ଅବ୍ୟକ୍ତ) ଓ ଅଜନ୍ମା, ସେ ଭକ୍ତମାନଙ୍କ ପ୍ରେମବଶତଃ ସଗୁଣ ହୋଇଯାନ୍ତି । ଯିଏ ନିର୍ଗୁଣ, ଭଲା ସେ ସଗୁଣ କିପରି ? ଠିକ୍ ସେହିପରି ଯେପରି ଜଳ ଓ ବରଫ ମଧରେ କୌଣସି ଭେଦ ନ ଥାଏ । ଜଳ ଓ ବରଫ, ଉଭୟ ହିଁ ଜଳ । ସେହିପରି ନିର୍ଗୁଣ ଓ ସଗୁଣ, ଉଭୟ ହିଁ ଏକ ।

ହର୍ଷ, ବିଷାଦ, ଜ୍ଞାନ, ଅଜ୍ଞାନ, ଅହଂକାର ଓ ଅଭିମାନ– ଏସବୁ ଜୀବର ଧର୍ମ, ସ୍ୱଭାବ, ପ୍ରକୃତି, କିନ୍ତୁ ଶ୍ରୀରାମଚନ୍ଦ୍ର ତ ବ୍ୟାପକ ବ୍ରହ୍ମ, ପରମାନନ୍ଦ ସ୍ୱରୂପ, ପରାତ୍ପର ପ୍ରଭୁ ଓ ପୁରାଣ ପୁରୁଷ ଅଟନ୍ତି, ଏକଥା ସାରା ଜଗତ ଜାଣେ । ଏବେ ପ୍ରଶ୍ନ ଉଠୁଛି ଯେ ସେହି ବ୍ରହ୍ମଙ୍କ ପ୍ରାପ୍ତି ହେତୁ ଆମେ କ'ଣ କରିବା ? ସେହି ବ୍ରହ୍ମଙ୍କୁ ଆମେ କିପରି ପାଇବା ? ଏହି ପ୍ରଶ୍ନର ସମାଧାନ ଆମେ କିପରି ପାଇବା ?

ରାମଚରିତ ମାନସର ପ୍ରସ୍ତୁତ ଚଉପଦୀ ଗୁଡ଼ିକରେ ଭଗବାନ ଶିବ ଏହି ପ୍ରଶ୍ନଗୁଡ଼ିକର ସମାଧାନ ପ୍ରସ୍ତୁତ କରିଛନ୍ତି –

ବୈଠେ ସୁର ସବ କରହିଁ ବିଚାରା ।
କହଁ ପାଇଅ ପ୍ରଭୁ କରିଅ ପୁକାରା ।।
ପୁର ବୈକୁଣ୍ଠ ଜାନ କହ କୋଈ ।
କୋଉ କହ ପୟନିଧି ବସ ପ୍ରଭୁ ସୋଈ ।।
ଜାକେ ହୃଦୟଁ ଭଗତି ଜସି ପ୍ରୀତୀ ।
ପ୍ରଭୁ ତହଁ ପ୍ରଗଟ ସଦା ତେହିଂ ରୀତୀ ।
ତେହିଂ ସମାଜ ଗିରିଜା ମିଁ ରହେଉଁ ।
ଅବସର ପାଇ ବଚନ ଏକ କହେଉଁ ।
ହରି ବ୍ୟାପକ ସର୍ବତ୍ର ସମାନା ।
ପ୍ରେମ ତେଂ ପ୍ରଗଟ ହୋହିଂ ମୈ ଜାନା ।
ଦେସ କାଲ ଦିସି ବିଦିସିନ୍ଧୁ ମାହିଂ ।
କହହୁ ସେ କହାଁ ଜହାଁ ପ୍ରଭୁ ନାହିଂ ।
ଅଗ ଜଗମୟ ସବ ରହିତ ବିରାଗୀ ।
ପ୍ରେମ ତେଂ ପ୍ରଭୁ ପ୍ରଗଟଇ ଜିମି ଆଗୀ ।
ମୋ ବଚନ ସବ କେ ମନ ମାନା ।
ସାଧୁ ସାଧୁ କରି ବ୍ରହ୍ମ ବଖାନା ।।

ଅର୍ଥାତ୍ ଭଗବାନ ଶିବ ମା' ଭବାନୀ (ପାର୍ବତୀ)ଙ୍କୁ କହୁଛନ୍ତି– 'ଥରେ ସମସ୍ତ ଦେବତା ବସି ବିଚାର କଲେ ଯେ ପ୍ରଭୁ (ବ୍ରହ୍ମ)ଙ୍କୁ କେଉଁଠି ପାଇବେ, ଯଦ୍ୱାରା ତାଙ୍କ ସମକ୍ଷରେ ଗୁହାରି କରି ପାରିବେ । ଏହାକୁ ନେଇ କିଏ ବୈକୁଣ୍ଠପୁରୀ ଯିବା କଥା କହିଲେ, ତ କିଏ କହିଲେ ଯେ ପ୍ରଭୁ କ୍ଷୀରସାଗରରେ ନିବାସ କରନ୍ତି । ଯାହାର ହୃଦୟରେ ଯେପରି ଭକ୍ତି ଓ ପ୍ରୀତି ଥାଏ, ତା' ପାଇଁ ପ୍ରଭୁ ସେଠାରେ ସର୍ବଦା ସେହି ରୀତିରେ ପ୍ରକଟ ହୋଇଥାନ୍ତି । ହେ ପାର୍ବତୀ ! ସେ ସମୟରେ ମୁଁ ମଧ ସେହି ସମାଜରେ ଦେବଗଣଙ୍କ ମଧରେ ବସିଥିଲି ।

ସୁଯୋଗ ପାଇ ମୁଁ କହିଲି - 'ମୁଁ ଜାଣିଛି ଯେ ଭଗବାନ ସବୁ ସ୍ଥାନରେ ସମାନ ରୂପେ ବ୍ୟାପକ ଅଟନ୍ତି, ପ୍ରେମ ଦ୍ୱାରା ସେ ପ୍ରକଟ ହୋଇଯାନ୍ତି । ଦେଶ, କାଳ, ଦିଶା, ବିଦିଶାରେ ଏମିତି କେଉଁ ସ୍ଥାନ ଅଛି କୁହନ୍ତୁ, ଯେଉଁଠି ପ୍ରଭୁ ନ ଥିବେ । ସେହି ପ୍ରଭୁ ତ ଚରାଚରମୟ ହୋଇ ମଧ ସବୁରୁ ରହିତ ଓ ବିରକ୍ତ ଅଟନ୍ତି । ସେ ପ୍ରେମ ଦ୍ୱାରା ପ୍ରକଟ ହୋଇଥାନ୍ତି, ଯେପରି ଅଗ୍ନି । ଅଗ୍ନି ଅବ୍ୟକ୍ତ ରୂପେ ସର୍ବତ୍ର ବ୍ୟାପ୍ତ, କିନ୍ତୁ ସାଧନ ବିଶେଷ ସାହାଯ୍ୟରେ ସେ କେଉଁଠି ବି ପ୍ରକଟ ହୋଇଯାନ୍ତି । ସେହିପରି ସର୍ବତ୍ର ବ୍ୟାପ୍ତ ଭଗବାନ ମଧ ପ୍ରେମ ଦ୍ୱାରା ପ୍ରକଟ ହୋଇଥାନ୍ତି । ସେହି ଦେବ ସମାଜରେ ବସିଥିବା ସମସ୍ତଙ୍କୁ ମୋର ଏଇ କଥା ପ୍ରିୟ ଲାଗିଲା ଓ ବ୍ରହ୍ମାଜି 'ସାଧୁ ସାଧୁ' କହି ମୋର ପ୍ରଶଂସା କଲେ ।'

ଏଣୁ ସଗୁଣ ଓ ଅଗୁଣ ମଧରେ କୌଣସି ଭେଦ ନ ଥିବା କଥା ସ୍ପଷ୍ଟ । ନିର୍ଗୁଣ, ନିରାକାର, ଅବ୍ୟକ୍ତ, ଅଦୃଶ୍ୟ, ଅରୂପ ବ୍ରହ୍ମ ହିଁ ସଗୁଣ, ସାକାର, ବ୍ୟକ୍ତ, ଦୃଶ୍ୟ, ସରୂପରେ ଈଶ୍ୱର, ପରମେଶ୍ୱର, ପରମାତ୍ମା ଅଟନ୍ତି । ନିର୍ଗୁଣ, ନିରାକାର ବ୍ରହ୍ମ ହିଁ ସଗୁଣ ଓ ସାକାର ହୋଇଥାନ୍ତି, ଅଦୃଶ୍ୟ ବ୍ରହ୍ମ ହିଁ ଦୃଶ୍ୟ ହୋଇଥାନ୍ତି, ଯାହା ଦୂରରେ ଅଛି, ତାହା ପାଖରେ ଥାଏ ।

କିନ୍ତୁ ଉପାସନା କାହାର କରିବା ? ସଗୁଣର ବା ଅଗୁଣର ? ବ୍ୟକ୍ତର ବା ଅବ୍ୟକ୍ତର ? ଦୃଶ୍ୟର ବା ଅଦୃଶ୍ୟର ? ରୂପର ବା ଅରୂପର ? ସାକାରର ବା ନିରାକାରର ? ନିଃସନ୍ଦେହ ଭଗବଦ୍ ଉପାସନା, ଭଗବଦ୍ ଧାନ ପାଇଁ ସଗୁଣ ଓ ଅଗୁଣ, ସାକାର ଓ ନିରାକାର ଉଭୟ ମାର୍ଗ ସାଧକମାନଙ୍କ ସକାଶେ ସୁଲଭ ଏବଂ ନିଜର ରୁଚି, ଅଭିରୁଚି ଓ ପ୍ରକୃତି ଅନୁସାରେ ସେମାନେ ନିଜ ପାଇଁ ଉଭୟ ମଧରୁ ଯେକୌଣସି ଗୋଟିଏ ସ୍ୱରୂପର ଚୟନ କରିପାରନ୍ତି ।

ଆଧାତ୍ମିକ ଜଗତରେ ଅଗଣିତ ସାଧକ ସାକାର (ସଗୁଣ) ଓ ନିରାକାର (ଅଗୁଣ, ନିର୍ଗୁଣ) ବ୍ରହ୍ମଙ୍କର ଉପାସନା କରି ବ୍ରହ୍ମଙ୍କର ପ୍ରାପ୍ତି କରିଛନ୍ତି । ନିଜ ହୃଦୟରେ ସତତ ସେହି ବ୍ରହ୍ମଙ୍କର ଧାନ କରି ଅଗଣିତ ସାଧକ ବ୍ରହ୍ମଙ୍କୁ ପ୍ରାପ୍ତ କରିଛନ୍ତି ଏବଂ ବ୍ରହ୍ମାନନ୍ଦର ଅନୁଭବ କରିଛନ୍ତି । ରାମ, କୃଷ୍ଣ, ବିଷ୍ଣୁ, ଶିବ, କାଳୀ, ଦୁର୍ଗା, ଗାୟତ୍ରୀ ଆଦି ବିଭିନ୍ନ ସଗୁଣ, ସାକାର ରୂପ, ଛବି, ମୂର୍ତ୍ତି ଆଦିର ଧାନ, ସ୍ମରଣ କରିବା ସଗୁଣ ଓ ସାକାର ଉପାସନା ଏବଂ କୌଣସି ଛବି, ରୂପ, ସ୍ୱରୂପ, ପ୍ରତିମାର ଅବଲମ୍ବନ ନେବା ବିନା ବ୍ରହ୍ମଙ୍କ ଉପାସନା, ଧାନ କରିବା ହିଁ ନିରାକାର ଓ ନିର୍ଗୁଣ ଉପାସନା ।

ଏହି ଦୁଇ ମାର୍ଗରେ ସାଧକ ବ୍ରହ୍ମଙ୍କ ପ୍ରାପ୍ତି କରିପାରେ, କିନ୍ତୁ ସଗୁଣ ଓ ନିର୍ଗୁଣ (ଅଗୁଣ) ମଧରେ ଅଧିକ ସରଳ, ସୁଗମ ଓ ଶ୍ରେଷ୍ଠ କେଉଁଟି- ଏହି ପ୍ରଶ୍ନ ସ୍ୱାଭାବିକ ରୂପେ ମନରେ ଉଠିଥାଏ । କୁରୁକ୍ଷେତ୍ରରେ ଭଗବାନ ଶ୍ରୀକୃଷ୍ଣଙ୍କ ମୁଖରୁ ଗୀତାର ଅମୃତ ଜ୍ଞାନ ଶୁଣୁଥିବା ଅର୍ଜୁନଙ୍କ ମନରେ ମଧ ଏହି ପ୍ରଶ୍ନ ଉଠିଥିଲା, ସେଥିପାଇଁ ତ ଗୀତାର ଦ୍ୱାଦଶ ଅଧାୟର ପ୍ରଥମ ଶ୍ଳୋକରେ ଅର୍ଜୁନ ନିଜର ଏହି ଜିଜ୍ଞାସା ଭଗବାନଙ୍କ ସମକ୍ଷରେ ରଖିଲେ ଓ କହିଲେ– 'ହେ ଭଗବାନ ! ଯେଉଁ ଅନନ୍ୟ ପ୍ରେମୀ ଭକ୍ତଜନ ଆପଣଙ୍କର-ସଗୁଣ ରୂପ ପରମେଶ୍ୱରଙ୍କର ଭଜନ-ଧାନ କରନ୍ତି ଏବଂ ଅନ୍ୟ ଯେଉଁମାନେ କେବଳ ଅବିନାଶୀ, ସଚ୍ଚିଦାନନ୍ଦଘନ, ନିରାକାର ବ୍ରହ୍ମଙ୍କୁ ହିଁ ଅତି ଶ୍ରେଷ୍ଠ ଭାବରେ ଭଜନ୍ତି – ଏହି ଦୁଇ ପ୍ରକାର ଉପାସକଙ୍କ ମଧରେ ଅତି ଉତ୍ତମ କିଏ ?

ସେତେବେଳେ ଗୀତା (୧୨/୨, ୩, ୪, ୫, ୬, ୭, ୮)ରେ ଭଗବାନ ଶ୍ରୀକୃଷ୍ଣ କହିଲେ– ''ମୋ ଠାରେ ମନକୁ ଏକାଗ୍ର କରି ନିରନ୍ତର ମୋର ଭଜନ-ଧାନରେ ଲାଗିଥିବା ଯେଉଁ ଭକ୍ତଜନ ଅତିଶୟ ଶ୍ରେଷ୍ଠ ଶ୍ରଦ୍ଧା ଯୁକ୍ତ ହୋଇ ମୋତେ ସଗୁଣ ରୂପ ପରମେଶ୍ୱରଙ୍କୁ ଭଜନ୍ତି, ସେମାନଙ୍କୁ ମୁଁ ଯୋଗୀମାନଙ୍କ ମଧରେ ଅତି ଉତ୍ତମ ଯୋଗୀ ବୋଲି ସ୍ୱୀକାର କରେ । କିନ୍ତୁ ଯେଉଁ ପୁରୁଷ ଇନ୍ଦ୍ରିୟ ସମୁଦାୟକୁ ଉତ୍ତମ ରୂପେ ବଶ କରି ମନ- ବୁଦ୍ଧିର ଉର୍ଦ୍ଧ୍ୱରେ, ସର୍ବବ୍ୟାପୀ, ଅକଥନୀୟ ସ୍ୱରୂପ ଓ ସର୍ବଦା ଏକରସ ରହୁଥିବା ନିତ୍ୟ, ଅଚଳ, ନିରାକର, ଅବିନାଶୀ, ସଚ୍ଚିଦାନନ୍ଦଘନ ବ୍ରହ୍ମଙ୍କୁ ନିରନ୍ତର ଏକାକୀ ଭାବରେ ଧାନ କରି ଭଜନ୍ତି, ସେହି ସମ୍ପୂର୍ଣ୍ଣ ଭୂତମାନଙ୍କ ହିତରେ ରତ ଏବଂ ସମସ୍ତଙ୍କ ମଧରେ ସମାନ ଭାବ ରଖୁଥିବା ଯୋଗୀମାନେ ମୋତେ ପ୍ରାପ୍ତ ହୁଅନ୍ତି । କିନ୍ତୁ ହଁ, ସେହି ସଚ୍ଚିଦାନନ୍ଦଘନ ନିରାକାର ବ୍ରହ୍ମଙ୍କ ପ୍ରତି ଆସକ୍ତ ଚିତ୍ତ ଯୁକ୍ତ ପୁରୁଷମାନଙ୍କ ସାଧନରେ ପରିଶ୍ରମ ବିଶେଷ ରହିଛି ; କାରଣ ଦେହାଭିମାନୀଙ୍କ ଦ୍ୱାରା ଅବ୍ୟକ୍ତ ବିଷୟକ ଗତି ଦୁଃଖପୂର୍ବକ ପ୍ରାପ୍ତ କରାଯାଏ ।'

''ମୋର ପରାୟଣ ରହୁଥିବା ଯେଉଁ ଭକ୍ତଜନ ସମ୍ପୂର୍ଣ୍ଣ କର୍ମକୁ ମୋତେ ଅର୍ପଣ କରି ମୋତେ ସଗୁଣ ରୂପ ପରମେଶ୍ୱରଙ୍କୁ ହିଁ ଅନନ୍ୟ ଭକ୍ତିଯୋଗ ଦ୍ୱାରା ନିରନ୍ତର ଚିନ୍ତନ କରି ଭଜନ୍ତି, ହେ ଅର୍ଜୁନ ! ସେହି ମୋ ଠାରେ ଚିତ୍ତ ଲଗାଇଥିବା ପ୍ରେମୀ ଭକ୍ତମାନଙ୍କୁ ମୁଁ ଶୀଘ୍ର ମୃତ୍ୟୁ ରୂପ ସଂସାର ସମୁଦ୍ରରୁ ଉଦ୍ଧାର କରିଥାଏ । ସେଥିପାଇଁ ହେ ଅର୍ଜୁନ ! ତୁମେ ମୋ ଠାରେ (ସଗୁଣ, ସାକାର, ପରମେଶ୍ୱରଙ୍କ ଠାରେ) ମନକୁ ଲଗାଅ ଏବଂ ମୋ ଠାରେ ବୁଦ୍ଧିକୁ ଲଗାଅ । ଏହା ପରେ ତୁମେ ମୋ ଠାରେ ହିଁ ନିବାସ କରିବ, ଏଥିରେ କୌଣସି ସଂଶୟ ନାହିଁ ।'

ବାସ୍ତବରେ ସେହି ବ୍ରହ୍ମଙ୍କ ଅନୁଭୂତି ପାଇବା ଓ ତାଙ୍କୁ ପ୍ରାପ୍ତ କରିବା ପାଇଁ ହିଁ ଆମକୁ ଏଇ ମନୁଷ୍ୟ ଜୀବନ ରୂପୀ ଦୁର୍ଲଭ ସାଧନ ମିଳିଛି । ସେଥିପାଇଁ ଏହି ମନୁଷ୍ୟ ଶରୀରକୁ ସାଧନର ଧାମ ଓ ମୋକ୍ଷର ଦ୍ୱାର କୁହାଯାଇଛି । ଯେଉଁ ମନୁଷ୍ୟ ଏହି ସାଧନକୁ ଯୋଗ– ସାଧନା ପରିବର୍ତ୍ତେ ଭୋଗ-ବାସନାରେ ବରବାଦ କରିଦିଏ, ସେ ଲୋକ-ପରଲୋକ ଉଭୟରେ ଦୁଃଖ ପାଇଥାଏ । ସେ ମୁଣ୍ଡ ପିଟିପିଟି ପଶ୍ଚାତ୍ତାପ କରେ ତଥା ନିଜର ଦୁଃଖ ସକାଶେ ଅନ୍ୟମାନଙ୍କୁ ଦୋଷୀ କରିଥାଏ ।

ଯେଉଁ ଲୋକମାନେ ମନୁଷ୍ୟ ଶରୀର ପାଇ ମଧ ବ୍ରହ୍ମପ୍ରାପ୍ତି ହେତୁ ସାଧନ-ପୁରୁଷାର୍ଥ କରିବା ପରିବର୍ତ୍ତେ ସର୍ବଦା ଭୋଗ-ବିଷୟଗୁଡ଼ିକରେ ବୁଡ଼ି ରହନ୍ତି, ସେମାନେ ପ୍ରକୃତରେ ବ୍ରହ୍ମ ରୂପୀ ଅମୃତକୁ ତ୍ୟାଗ କରି ବିଷୟ ରୂପୀ ବିଷପାନ ହିଁ କରିଥାନ୍ତି ଏବଂ ଚୌରାଅଶୀ ଲକ୍ଷ ଯୋନିରେ ଘୂରିଥାନ୍ତି ।

ଯେଉଁ ଲୋକମାନେ ନିଜର ମନୁଷ୍ୟ ଜୀବନକୁ ସଫଳ କରିବାକୁ ଚାହାନ୍ତି, ଲୋକ-ପରଲୋକରେ ସୁଖ, ଶାନ୍ତି, ଆନନ୍ଦ ଓ ମୁକ୍ତି ଚାହାନ୍ତି, ସେମାନେ ସଚ୍ଚା ଶ୍ରଦ୍ଧା, ଭକ୍ତି, ପ୍ରେମ, ବିଶ୍ୱାସର ସହିତ ନିତ୍ୟ ବ୍ରହ୍ମଚିନ୍ତନ, ଧାନ, ସ୍ମରଣ, ଭଜନ, ସଂଯମ, ସ୍ୱାଧାୟ, ସେବା ଆଦି କରୁଥିବା ଦରକାର । ଏହା ଦ୍ୱାରା ଲୋକ-ପରଲୋକରେ ସୁଖ ପ୍ରାପ୍ତ ହୋଇଥାଏ, ଏହା ସହିତ ବ୍ରହ୍ମଙ୍କୁ ପ୍ରାପ୍ତ କରି ଜୀବାତ୍ମା ଜନ୍ମ-ମରଣର ବନ୍ଧନରୁ ସଦାସର୍ବଦା ସକାଶେ ମୁକ୍ତ ହୋଇଯାଏ ।

## ଆଜିର ଚିନ୍ତନ

**ଭ**ଗବାନ କେବଳ ଭାବର ଭୋକିଲା ଥାଆନ୍ତି । ସେ କେବେବି ଆମଠାରୁ କୌଣସି ବସ୍ତୁ କି ପଦାର୍ଥର କାମନା କରନ୍ତି ନାହିଁ । ଏପରିକି ଫୁଲ-ଫଳର ବି ଅପେକ୍ଷା କରି ନ ଥାନ୍ତି । ସେ କେବଳ କୋମଳ ଭାବ, ସ୍ୱଚ୍ଛ ପ୍ରେମ ଏବଂ ନିର୍ମଳ ମନ ଚାହିଁଥାନ୍ତି । ଭକ୍ତଙ୍କ ବାସ୍ତବିକ ପ୍ରେମ ତାଙ୍କର ସର୍ବୋପରି ହୋଇଥାଏ । ଯେଉଁମାନଙ୍କର ସ୍ୱଭାବ ନିର୍ମଳ, ହୃଦୟ ନିର୍ମଳ ତଥା ଯିଏ ଛଳ କପଟରୁ ବହିର୍ଭୁତ ତାଙ୍କୁ ଭଗବାନଙ୍କ ଅଶେଷ କୃପା ମିଳିଥାଏ । ଜନ୍ମବେଳେ ଶିଶୁ ନିର୍ମଳ ଛଳନାହୀନ ହୋଇଥାଏ । ତା' ସ୍ୱଭାବ ଶାନ୍ତ ସରଳ ହୋଇଥାଏ । ଶିଶୁ ଯେତେ ବଡ଼ ହୁଏ ତାର ସରଳ ଓ ପବିତ୍ର ହୃଦୟରେ ବିକାର ପ୍ରବେଶ କରିଯାଏ । ଯେମିତି ଗୋଟେ କୋଠରୀରେ ଧୂଳିକଣା ପ୍ରବେଶ କରି କୋଠରୀକୁ ମଇଳା କରିଦିଏ ଠିକ ସେହିପରି ଆମ ଭିତରେ ବିକାର ପ୍ରବେଶ କରିବା ଏକ ସ୍ୱାଭାବିକ ପ୍ରକ୍ରିୟା । କାମ, କ୍ରୋଧ, ଲୋଭ, ମୋହ, ଅହଂକାର, ଇର୍ଷା, ଦ୍ୱେଷ ଆଦି ବିକାର ବାହ୍ୟ ସ୍ୱରୂପ ନୁହେଁ । ଏସବୁ ବିକାର ଅନ୍ତଃକରଣରେ ସୂକ୍ଷ୍ମାତିସୂକ୍ଷ୍ମ ରୂପେ ଅଚଳ ଅବସ୍ଥାରେ ରହିଥାଏ । ଯାହା ସାତ୍ତ୍ୱିକ, ରାଜସିକ, ତାମସିକ ଗୁଣ ସହିତ ପ୍ରଭାବିତ ହୋଇଥାଏ । ନିଜ ଭକ୍ତର ଭାବନାକୁ ଭଗବାନ ସଦାବେଳେ ଖୁଆଇ ରଖିଥାନ୍ତି । ପ୍ରତିଟି ଯୁଗରେ ନିଜ ଭକ୍ତର ଭାବନାକୁ ଭଗବାନ ନିଶ୍ଚିତ ପ୍ରତିଫଳ ଦେଇଛନ୍ତି । ଶବରୀ ମାତଙ୍ଗ ଋଷିଙ୍କର ସେବା କରି ଭଗବାନ ରାମ ଚନ୍ଦ୍ରଙ୍କର ସାକ୍ଷାତ ଦର୍ଶନ ପାଇଲା । ଭଗବାନ ଶ୍ରୀରାମ ଶବରୀ ହାତରୁ ଅଇଁଠା କୋଳି ଖାଇ ତା' ଭାବକୁ କେବଳ ସ୍ୱୀକାର କରିନଥିଲେ ଅପିତୁ ଆଶୀର୍ବାଦ ଦେଇ ଭକ୍ତର ମନବାଞ୍ଛା ପୂର୍ଣ୍ଣ କରିଥିଲେ । ଦୁର୍ଯ୍ୟୋଧନ ଦ୍ୱାରା ଆମନ୍ତ୍ରିତ ଛପନ ଭୋଗକୁ ପରିତ୍ୟାଗ କରି ଭଗବାନ ଶ୍ରୀକୃଷ୍ଣ ବିଦୁରଙ୍କ ଘରେ କେବଳ ଶାଗ ଭାତ ଖାଇ ପରମ ତୃପ୍ତି ଲାଭ କରିଥିଲେ । ଭଗବାନ ଭକ୍ତର ଭାବକୁ ପରଖିବାରେ କେବେବି ଅବହେଳା କରନ୍ତି ନାହିଁ । ପ୍ରକୃତିର କୋଣେ ଅନୁକୋଣେ ତାଙ୍କ ଦର୍ଶନ କରିହୁଏ । ଭକ୍ତି, ଜ୍ଞାନ, ଯୋଗ, ସାଧନା ଏସବୁ ଭଗବାନଙ୍କ କୃପା ପ୍ରାପ୍ତିର ଶିଢ଼ି । ଯେଉଁମାନଙ୍କର ସଂସାର ବସ୍ତୁ ପ୍ରତି ପ୍ରେମ ନାହିଁ ତାଙ୍କୁ ଭଗବାନଙ୍କ ପ୍ରତି ମଧ ପ୍ରେମ ନଥାଏ । ଭଗବାନଙ୍କ ପୂଜାରେ ପ୍ରେମର ଭାବ ସର୍ବୋପରି ହେବା ନିହିତ ହୋଇଥାଏ ।

ବର୍ଷ ୨୭, ସଂଖ୍ୟା- ୫୧, ୧୭ - ୨୩ ଡିସେମ୍ବର ୨୦୨୩

# ୭୬ ବର୍ଷର ବିବାଦର ସମାଧାନ

୨୦୧୯ ଅଗଷ୍ଟ ୫ । ଏହିଦିନ ଏ ଐତିହାସିକ ପଦକ୍ଷେପ ସ୍ୱରୂପ ମୋଦି ସରକାର ଜମ୍ମୁ-କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରିଥିଲେ । ଉଦ୍ଦେଶ୍ୟ ଥିଲା ଭାରତର ବିଶାଳ ଅଖଣ୍ଡତା ସହ ଜମ୍ମୁ-କାଶ୍ମୀରକୁ ସବୁଦିନ ପାଇଁ ମିଶାଇଦେବା । ଏହା ଏକ ଅତ୍ୟନ୍ତ ସାହସିକ ପଦକ୍ଷେପ ଥିଲା । ଏହାକୁ ଜମ୍ମୁ-କାଶ୍ମୀରର ଛାମୁଆ ନେତାମାନେ ବିରୋଧ କରିଥିଲେ । ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ କେନ୍ଦ୍ରର ନିଷ୍ପତ୍ତି ଭୁଲ ବୋଲି ଯୁକ୍ତି ବାଢ଼ିଥିଲେ । ସରକାରଙ୍କ ନିଷ୍ପତ୍ତିକୁ ରଦ୍ଦ କରିଦେବା ଲାଗି ଅନୁରୋଧ କରିଥିଲେ । ୨୦୨୩ ଡିସେମ୍ବର ୧୧, ସୁପ୍ରିମକୋର୍ଟ ଐତିହାସିକ ରାୟରେ ଧାରା ୩୭୦ ଉଚ୍ଛେଦ ନିଷ୍ପତ୍ତିକୁ ଉଚିତ ଦର୍ଶାଇଛନ୍ତି । ତତ୍ସହିତ ଧାରା ୩୭୦ ହଟାଇବା ପଛରେ ଥିବା ଉଦ୍ଦେଶ୍ୟକୁ ବି ଯଥାର୍ଥ ଦର୍ଶାଇଛନ୍ତି । ଫଳରେ ୧୯୪୯ରେ ଜନ୍ମ ନେଇଥିବା ଧାରା ୩୭୦କୁ ସବୁଦିନ ପାଇଁ କବର ଦିଆଯାଇଛି । କେନ୍ଦ୍ର ସରକାର ଏବଂ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଏହାକୁ ଇତିହାସରେ ପରିଣତ କରିଦେଇଛି । କେନ୍ଦ୍ରର ନରେନ୍ଦ୍ର ମୋଦୀ ସରକାର ୨୦୧୯ ଅଗଷ୍ଟ ୫ ତାରିଖରେ ଏହାକୁ ଉଚ୍ଛେଦ କରିବା ପାଇଁ ନିଷ୍ପତ୍ତି ନେଇଥିଲେ, ଯାହା ବିରୋଧରେ ସୁପ୍ରିମ୍‌କୋର୍ଟରେ ଅନେକ ପିଟିସନ ଦାଏର ହୋଇଥିଲା । (ଡିସେମ୍ବର ୧୧)ରେ ସୁପ୍ରିମ୍‌କୋର୍ଟ ଏହା ଉପରେ ରାୟ ଶୁଣାଇବା ସହ କହିଛନ୍ତି ଯେ, କୌଣସି ବି ରାଜ୍ୟ ଉପରେ ନିଷ୍ପତ୍ତି ନେବାର ଅଧିକାର ରାଷ୍ଟ୍ରପତିଙ୍କର ରହିଛି । ଯେତେବେଳେ ୧୯୫୦ ମସିହାରେ ଜମ୍ମୁ-କାଶ୍ମୀର ଭାରତର ଅଭିନ୍ନ ଅଙ୍ଗ ହେଲା ସେତେବେଳେ ଏହାର ସାର୍ବଭୌମତ୍ୱ ଶେଷ ହୋଇଗଲା । ଧାରା ୩୭୦ ଏକ ଅସ୍ଥାୟୀ ବ୍ୟବସ୍ଥା ଥିଲା । ସ୍ୱାଧୀନତା ପ୍ରାପ୍ତି ପରେ ୧୯୫୦ ମସିହାରେ ଭାରତକୁ ନିଜର ସମ୍ବିଧାନ ମିଳିଲା । ଏହାର ଅନୁଚ୍ଛେଦ ୧ରେ ଜମ୍ମୁ- କାଶ୍ମୀରକୁ ଭାରତର ଏକ ରାଜ୍ୟ ଘୋଷଣା କରାଗଲା । ଧାରା ୩୭୦ ଅନୁଯାୟୀ ଏହାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ମିଳିଲା । ଏହାପରେ ଜମ୍ମୁ-କାଶ୍ମୀର ସମ୍ବିଧାନ ସଭାର ପ୍ରଥମ ବୈଠକ ୧୯୫୧ରେ ହେଲା । ଶେଖ ଅବଦୁଲ୍ଲା ଏହାର ମୁଖ୍ୟ ଥିଲେ । କାଶ୍ମୀରୀ ନେତାମାନେ ୧୯୫୨ରେ ଜମ୍ମୁ-କାଶ୍ମୀର ସମ୍ବିଧାନ ସଭାରେ ଭାରତ ସହ ନିଜର ସମ୍ପର୍କ ବିଷୟରେ ଚର୍ଚ୍ଚା କଲେ । ଏହାପରେ ଦିଲ୍ଲୀ ସରକାର ଓ ଜମ୍ମୁ-କାଶ୍ମୀର ସରକାର ମଧ୍ୟରେ ବୁଝାମଣା ହେଲା । ୧୯୫୩ରେ ଏକ ଘଟଣା ଘଟିଲା । କ୍ୟାବିନେଟରେ ସମର୍ଥନ ଅଭାବରୁ ଶେଖ ଅବଦୁଲ୍ଲାଙ୍କୁ ଜମ୍ମୁ-କାଶ୍ମୀରର ପ୍ରଧାନମନ୍ତ୍ରୀ ପଦରୁ ହଟାଇ ଦିଆଗଲା ଏବଂ ତାଙ୍କ ଜାଗାରେ ବକ୍ସି ଗୁଲାମ ମହମ୍ମଦଙ୍କୁ ନିଯୁକ୍ତ କରାଗଲା । ପରବର୍ଷ ରାଷ୍ଟ୍ରପତିଙ୍କ ଆଦେଶରେ ଭାରତୀୟ ସମ୍ବିଧାନର କିଛି ପ୍ରାବଧାନକୁ ଜମ୍ମୁ-କାଶ୍ମୀରର ସମ୍ବିଧାନ ପର୍ଯ୍ୟନ୍ତ ବଢ଼ାଇ ଦିଆଗଲା । ଜମ୍ମୁ-କାଶ୍ମୀର ନିଜର ସମ୍ବିଧାନ ଆପଣେଇଲା ଏବଂ ୧୯୫୬ରେ ନିଜକୁ ଭାରତର ଅଭିନ୍ନ ଅଙ୍ଗ ଘୋଷଣା କଲା । ଜମ୍ମୁ-କାଶ୍ମୀରରେ ପ୍ରଥମ ବିଧାନସଭା ନିର୍ବାଚନ ୧୯୫୭ରେ ହେଲା । ୧୯୬୨ରେ ଚୀନ୍ ଭାରତ ସହ ଅଚାନକ ଯୁଦ୍ଧ ଘୋଷଣା କରି ଜମ୍ମୁ-କାଶ୍ମୀରର ଏକ ଅଂଶ ଅକ୍ସାଇ ଚୀନ୍‌କୁ ନିଜ ନିୟନ୍ତ୍ରଣକୁ ନେଇଗଲା । ଏହାର ଦୁଇବର୍ଷ ପୂର୍ବରୁ ୧୯୬୦ରେ ଭାରତୀୟ ସମ୍ବିଧାନରେ ଏକ ସଂଶୋଧନ କରାଯାଇଥିଲା, ଯେଉଁଥିରେ ସର୍ବୋଚ୍ଚ ନ୍ୟାୟାଳୟ ଓ ନିର୍ବାଚନ ଆୟୋଗକୁ ଜମ୍ମୁ-କାଶ୍ମୀର ଉପରେ ଅଧିକାର ଦିଆଯାଇଥିଲା । ଭାରତ ଓ ଚୀନ୍ ଭିତରେ


ଝାମେଲା ଚାଲିଥିବା ବେଳେ ୧୯୬୫ରେ ଜମ୍ମୁ କାଶ୍ମୀରରେ କିଛି ରାଜନୈତିକ ଗତିବିଧି ଚାଲିଲା, ଯେଉଁଥିରେ ପ୍ରଧାନମନ୍ତ୍ରୀ ଓ ସଦର-ଏ-ରିୟାସତ ପରି ଉପାଧି ଯଥାକ୍ରମେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳକୁ ବଦଳିଗଲା ! ଜୁନ୍ ୧୯୬୫ରେ ଅବଦୁଲ୍ଲାଙ୍କ ନ୍ୟାସନାଲ କନଫରେନ୍ସ କଂଗ୍ରେସ ସହ ହାତ ମିଳାଇଲା । ସେହି ବର୍ଷ ଭାରତ ଓ ପାକିସ୍ତାନ ଭିତରେ ଯୁଦ୍ଧ ହେଲା, ଯାହା ୧୯୫୬ ଅଗଷ୍ଟରୁ ୧୯୬୬ ଜାନୁଆରି ପର୍ଯ୍ୟନ୍ତ ଚାଲିଲା । ତତ୍କାଳୀନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ଓ ପାକିସ୍ତାନୀ ରାଷ୍ଟ୍ରପତି ଅୟୁବ ଖାନ ତାସକେଣ୍ଟ ବୁଝାମଣା ମାଧ୍ୟମରେ ଯୁଦ୍ଧ ବନ୍ଦ କଲେ । ୧୯୬୬ରେ ଜମ୍ମୁ-କାଶ୍ମୀରରେ ଜନମତ ସଂଗ୍ରହ ଦାବି ଉଠିଲା ଏବଂ ଉକ୍ତ ଅଞ୍ଚଳରେ କିଛି ସଶସ୍ତ୍ର ଉଗ୍ରବାଦୀ ସଂଗଠନ ମୁଣ୍ଡ ଟେକିଲେ । ସେମାନଙ୍କ ମଧ୍ୟରେ ଥିଲେ ଜନମତ ସଂଗ୍ରହ ମୋର୍ଚ୍ଚା ଏବଂ ଜମ୍ମୁ-କାଶ୍ମୀର ଲିବରେସନ ଫ୍ରଣ୍ଟ ।

ଭାରତ-ପାକିସ୍ତାନ ଭିତରେ ୧୯୭୧ରେ ତୃତୀୟ ଥର ପାଇଁ ଯୁଦ୍ଧ ହେଲା । ୧୯୭୨ରେ ଶିମଳା ରାଜିନାମାରେ ଯୁଦ୍ଧବିରତି ପାଇଁ ବୁଝାମଣା ହେଲା । ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ଶେଖ ଅବଦୁଲ୍ଲା ୧୯୭୫ରେ କାଶ୍ମୀର ବୁଝାମଣା ଉପରେ ଦସ୍ତଖତ କଲେ, ଯେଉଁଥିରେ ଧାରା ୩୭୦ ସହ ଜମ୍ମୁ-କାଶ୍ମୀର ଭାରତର ଅଭିନ୍ନ ଅଙ୍ଗ ବୋଲି ସ୍ୱୀକାର କରାଗଲା । ଶେଖ ଅବଦୁଲ୍ଲା ଜନମତ ସଂଗ୍ରହ ଦାବି ଛାଡ଼ିଲେ ଏବଂ କଂଗ୍ରେସ ସହାୟତାରେ ଜମ୍ମୁ-କାଶ୍ମୀରର ମୁଖ୍ୟମନ୍ତ୍ରୀ ରୂପରେ ପୁଣି କ୍ଷମତାକୁ ଫେରିଲେ ।

୧୯୭୭ରେ ଅବଦୁଲ୍ଲା ସରକାରରୁ କଂଗ୍ରେସ ସମର୍ଥନ ପ୍ରତ୍ୟାହାର କରିବା ପରେ ସରକାର ଭାଙ୍ଗିଲା ଏବଂ ରାଷ୍ଟ୍ରପତି ଶାସନ ଲାଗୁ କରାଗଲା । ସେହିବର୍ଷ ଜୁଲାଇରେ ହୋଇଥିବା ନିର୍ବାଚନରେ ଅବଦୁଲ୍ଲା ପୁଣି କ୍ଷମତାକୁ ଫେରିଲେ । ୧୯୭୭ରୁ ୧୯୮୯ ପର୍ଯ୍ୟନ୍ତ ରାଜ୍ୟରେ ଆତଙ୍କବାଦୀ ସଂଗଠନଗୁଡ଼ିକର କାର୍ଯ୍ୟକଳାପ ବୃଦ୍ଧି ପାଇଲା । ୧୯୯୦ ଦଶକରେ ଉଗ୍ରବାଦୀ କାର୍ଯ୍ୟକଳାପ ବଳବତ୍ତର ରହିଲା । ୧୯୯୩ରେ ସାମାଜିକ ଓ ରାଜନୈତିକ ସଂଗଠନଗୁଡ଼ିକର ଏକ ମେଣ୍ଟ ସର୍ବଦଳୀୟ ହୁରିୟତ କନଫରେନ୍ସ ଗଠନ ହେଲା । ତତ୍କାଳୀନ ପ୍ରଧାନମନ୍ତ୍ରୀ ପିଭି ନରସିଂହ ରାଓ ୩୭୦ ଧାରା ବଳବତ୍ତର ରହିବା ଲାଗି ନିଜର ପ୍ରତିବଦ୍ଧତାକୁ ଦୋହରାଇଲେ । ୫ ଅଗଷ୍ଟ ୨୦୧୯ରେ କିନ୍ତୁ ନରେନ୍ଦ୍ର ମୋଦୀ ସରକାର ଏହାକୁ ହଟାଇ ଦେଇଥିଲେ । ଏହାକୁ ନେଇ ମାମଲା ହୋଇଥିଲା । ୧୯୪୯ ମସିହା ଅକ୍ଟୋବର ୧୭ରେ ଧାରା-୩୭୦ ଭାରତୀୟ ସମ୍ବିଧାନର ଅଂଶବିଶେଷ ପାଲଟିଥିଲା । ଏହାକୁ ଏକ ‘ଅସ୍ଥାୟୀ ପ୍ରାବଧାନ’ ଭାବେ ଯୋଡା ଯାଇଥିଲା । ସେହି ‘ଅସ୍ଥାୟୀ ପ୍ରାବଧାନ’ ଜରିଆରେ ଜମ୍ମୁ-କାଶ୍ମୀରକୁ ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ମିଳିଥିଲା । ଶେଖ୍‌ଅବଦୁଲା ୧୯୪୭ରେ ଧାରା-୩୭୦ର ରୂପରେଖକୁ ପ୍ରସ୍ତୁତ କରିଥିଲେ । ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁ ଏବଂ ମହାରାଜା ହରିସିଂହ ଶେଖ୍‌ଅବଦୁଲ୍ଲାଙ୍କୁ ଜମ୍ମୁ-କାଶ୍ମୀରର ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଥିଲେ । ଧାରା-୩୭୦ ଅନୁସାରେ ସଂସଦକୁ ଜମ୍ମୁ- କାଶ୍ମୀର ଲାଗି ପ୍ରତିରକ୍ଷା, ବିଦେଶ ଏବଂ ସଂଚାର ବିଷୟରେ ଆଇନ ବନାଇବାର ଅଧିକାର ଥିଲା । କିନ୍ତୁ ଅନ୍ୟ ଆଇନଗୁଡିକୁ ଲାଗୁ କରାଇବା ଲାଗି ରାଜ୍ୟର ଅନୁମୋଦନ ଉପରେ ନିର୍ଭରଶୀଳ ଥିଲା କେନ୍ଦ୍ର । ଧାରା-୩୭୦ ଯୋଗୁ ଜମ୍ମୁ-କାଶ୍ମୀରରେ ସମ୍ବିଧାନର ଧାରା ୩୫୬ ଲାଗୁ ହେଉ ନ ଥିଲା । ଏହାଯୋଗୁ ହିଁ ଜମ୍ମୁ-କାଶ୍ମୀରର ନିଜସ୍ୱ ଅଲଗା ପତାକା ଏବଂ ପ୍ରତୀକ ଚିହ୍ନ ବି ଥିଲା । ଭାରତର ଅନ୍ୟ ରାଜ୍ୟର ଲୋକମାନେ ଜମ୍ମୁ-କାଶ୍ମୀରରେ ଜମି କିଣି ପାରୁ ନ ଥିଲେ । ସେଠାକାର ନାଗରିକଙ୍କ ନିକଟରେ ଦ୍ୱୈତ ନାଗରିକତ୍ୱ ରହୁଥିଲା । ସେଥିମଧ୍ୟରୁ ଗୋଟିଏ ନାଗରିକତା ଜମ୍ମୁ-କାଶ୍ମୀରର ହୋଇଥିବା ବେଳେ ଅନ୍ୟଟି ଭାରତର ହେଉଥିଲା । ଭାରତୀୟ ସମ୍ବିଧାନର ଧାରା ୩୬୦ ଯେଉଁଥିରେ ଦେଶରେ ଆର୍ଥିକ ଜରୁରୀକାଳୀନ ସ୍ଥିତି ଲାଗୁ କରିବାର ପ୍ରାବଧାନ ରହିଛି ତାହା ମଧ୍ୟ ଜମ୍ମୁ-କାଶ୍ମୀର ଉପରେ ଲାଗୁ ହେଉନଥିଲା । ୨୦୧୯ ମସିହା ଅଗଷ୍ଟ ୫ରେ ଧାରା ୩୭୦କୁ ଉଚ୍ଛେଦ କରାଯାଇଥିଲା ।

# ଅଲୌକିକ ଘଟଣା

## ମହାତ୍ମା ଗାନ୍ଧୀ



**ମୁଁ** (ଅଲୌକିକ ଘଟଣା ଗୁଡ଼ିକରେ) ବିଶ୍ୱାସ କରେ, ପୁଣି ଅବିଶ୍ୱାସ ମଧ୍ୟ କରେ । ଭଗବାନ ଅଲୌକିକ ଘଟଣାଗୁଡ଼ିକର ମଧ୍ୟରେ ଆଦୌ ତାଙ୍କର କାର୍ଯ୍ୟ କରନ୍ତିନାହିଁ । ମାତ୍ର ଭଗବତ୍‌ମାନସ ସଚେଅବା ଏକ ହଠାତ୍ ଉଦ୍‌ଭାସ ଭଳି ଆପଣାକୁ ଗୋଚର କରାଉଥାଏ ଏବଂ ତାହା ମନୁଷ୍ୟର ଆଖିକୁ ଏକ ଆଲୌକିକ ଘଟଣା ଭଳି ପ୍ରତୀତ ହୁଏ । ଆମେ ଭଗବାନଙ୍କୁ ଜାଣି ନ ଥାଉ, ତାଙ୍କ ବିଧାନର କାର୍ଯ୍ୟକାରିତାରୁ ହିଁ ଆମେ ତାଙ୍କୁ ଜାଣିଥାଉ । ସେ ନିଜେ ଓ ତାଙ୍କର ବିଧାନ ପରସ୍ପରଠାରୁ ଆଦୌ ଭିନ୍ନ ନୁହନ୍ତି । ତାଙ୍କ ବିଧାନର ବାହାରେ କେଉଁଠି ହେଲେ କିଛି ନାହିଁ । ଏପରିକି, ତାଙ୍କର ଇଚ୍ଛା ବ୍ୟତୀତ ଭୂମିକମ୍ପ ଓ ବାତ୍ୟା କିଛିହେଲେ ଘଟେନାହିଁ । ତାଙ୍କର ଇଚ୍ଛା ନହେଲେ ତୃଣଟିଏ ମଧ୍ୟ ସମ୍ଭବ ହୁଏନାହିଁ । ସିଏ ଅନୁମତି ଦେଇଛନ୍ତି ବୋଲି ଏହି ପୃଥିବୀରେ ଶଇତାନ ରହିଛି, ତାଙ୍କଠାରୁ ସ୍ୱାଧୀନ ହୋଇ କଦାପି ରହିନାହିଁ ।

ମଣିଷକୁ ରାତିକ ଭିତରେ ମନ୍ଦରୁ ଭଲକୁ କଦାପି ରୂପାନ୍ତରିତ କରି ହେବନାହିଁ । ଭଗବାନ ଆଦୌ କୌଣସି ଜାଦୁବିଦ୍ୟାର ପ୍ରୟୋଗ କରନ୍ତିନାହିଁ । ସିଏ ମଧ୍ୟ ତାଙ୍କ ନିଜ ବିଧାନର ଭିତରେ ହିଁ ରହିଥାନ୍ତି । ଅବଶ୍ୟ ତାଙ୍କର ବିଧାନ ରାଷ୍ଟ୍ରର ବିଧାନଠାରୁ ଏକା ବେଳେକେ ଭିନ୍ନ । ରାଷ୍ଟ୍ରର ବିଧାନରେ ଭୁଲ ଥାଇପାରେ, ମାତ୍ର ଭଗବାନ କଦାପି ଭୁଲ କରି ପାରିବେନାହିଁ । ଯଦି ଭଗବାନ ତାଙ୍କର ବିଧାନକୁ ଲଂଘନ କରିବେ, ତେବେ ପୃଥିବୀ କଦାପି ରହି ପାରିବ ନାହିଁ ।

ଲୋକମାନେ ବହୁସଂଖ୍ୟାରେ ଆଖି ପିଛୁଳାକେ କିପରି ଏକ ନିର୍ଦ୍ଦିଷ୍ଟ ମତବାଦକୁ ଦୀକ୍ଷିତ ହୋଇ ଯାଇଛନ୍ତି, ଇତିହାସରେ ତାହାର ମାଳ ମାଳ ଦୃଷ୍ଟାନ୍ତ ଦେଖିବାକୁ ମିଳିବ । ଉଦାହରଣ ସ୍ୱରୂପ, ବୁଅର୍ ଯୁଦ୍ଧକୁ ନିଆଯାଉ । ଏହି ଯୁଦ୍ଧରୁ ଇଂରାଜୀ ଭାଷାକୁ ମାଫେକିଙ୍ଗ୍ ଶବ୍ଦଟି ଆସିଛି । ସେହି ମାଫେକିଙ୍ଗ୍ ଦିନଟିରେ ଲୋକମାନେ ଉନ୍ମତ୍ତ ହୋଇ ଉଠିଥିଲେ । ଏପରିକି, ମାତ୍ର ଦୁଇବର୍ଷ ଭିତରେ, ସମଗ୍ର ବ୍ରିଟିଶ୍ ଜାତିର ମଧ୍ୟ ରୂପାନ୍ତର ଘଟିଗଲା । ହେନରି କାମ୍ପବେଲ ବ୍ୟାନରମ୍ୟାନ୍ ପ୍ରଧାନମନ୍ତ୍ରୀ ହେଲେ ଏବଂ, ଯୁଦ୍ଧହେତୁ ଯାହାକିଛି ଲାଭ ହାସଲ ହୋଇଥିଲା, ସେଗୁଡ଼ିକୁ ପରିତ୍ୟାଗ କରିବାକୁ ହେଲା । ଏବେ ଶ୍ରମିକ ଦଳର ନିର୍ବାଚନରେ ଯେଉଁ ଜୟଲାଭ ହେଲା, ସେଇଟି ମଧ୍ୟ ଏହାର ଆଉଗୋଟିଏ ଦୃଷ୍ଟାନ୍ତ । ଆପଣାର ବାଗ୍ମିତା ଏବଂ ବିଚକ୍ଷଣତା ସତ୍ତ୍ୱେ, କାଲି ପର୍ଯ୍ୟନ୍ତ ଯେଉଁ ଚର୍ଚ୍ଚିଲ ବ୍ରିଟିଶ୍ ଜନଗଣଙ୍କ ଓଷ୍ଠ ଉପରେ ଝୁଲୁଥିଲେ ଏବଂ ଯାହାଙ୍କର ବକ୍ତୃତାକୁ ସେମାନେ ବିସ୍ମିତ ହୋଇ ଶୁଣୁଥିଲେ, ସିଏ ସେମାନଙ୍କ ଲାଗି ଯେ ଆଉ ଆଦର୍ଶମୂର୍ତ୍ତି ହୋଇ ରହିଲେ ନାହିଁ, ଏହାକୁ ମଧ୍ୟ ମୁଁ ଯଥେଷ୍ଟ ପରିମାଣରେ ଗୋଟିଏ ଅଲୌକିକ ଘଟଣା ବୋଲି କହିବି । ଏହି ଯାବତୀୟ ଉଦାହରଣ ମୋ’ଭଳି ଜଣେ ବିଶ୍ୱାସୀ ମନୁଷ୍ୟର ବିଶ୍ୱାସକୁ ଅତୁଟ କରି ରଖିବାଲାଗି ଯଥେଷ୍ଟ ହେବ ଯେ, ଯେତେବେଳେ ସବୁ ଶକ୍ତି ବିଦାୟ ନେଇ ଚାଲି ଯାଇଥିବେ, ସେତେବେଳେ ଗୋଟିଏ ଅବଶ୍ୟ ରହିଥିବ, ସେହି ଶକ୍ତିକୁ ତୁମେ ଭଗବାନ କହିପାର, ପ୍ରକୃତି ବୋଲି କହିପାର, ଅଥବା ଆଉ ଯାହାକିଛି ବୋଲି ମଧ୍ୟ କହିପାର ।

ଶରୀରସ୍ଥ ପ୍ରତ୍ୟେକ ଜୀବନକୁ ବସ୍ତୁତଃ ଭଗବାନଙ୍କର ଏକ ଅବତାର ବୋଲି କୁହାଯିବ, ମାତ୍ର ଜୀବନଧାରୀ ପ୍ରତ୍ୟେକ ସତ୍ତାକୁ ସାଧାରଣତଃ ଗୋଟିଏ ଅବତାର ବୋଲି ବିଚାର କରା ଯାଏନାହିଁ । ନିଜର ଜୀବନ ଦଶାରେ ଯେଉଁ ବ୍ୟକ୍ତି ନିଜର ଆଚରଣରେ ଅସାଧାରଣ ଭାବରେ ଧର୍ମପରାୟଣ ହୋଇଥାଏ, ପରବର୍ତ୍ତୀ ପୁରୁଷମାନେ ସମ୍ମାନ ପ୍ରଦର୍ଶନ କରି ତାହାକୁ ଏହି ଅଭିଧାଟି ପ୍ରଦାନ କରିଥାନ୍ତି । ଏହି ରୀତିଟି ମଧ୍ୟରେ କୌଣସି ଭୁଲ ରହିଛି ବୋଲି ମୁଁ ମନେ କରୁନାହିଁ । ଏହାଦ୍ୱାରା ଭଗବାନଙ୍କର ମହିମା କୌଣସି ପ୍ରକାରେ କ୍ଷୁର୍ଣ୍ଣ ହୁଏନାହିଁ ଏବଂ ସତ୍ୟପ୍ରତି ମଧ୍ୟ କୌଣସି ବିରୋଧାଚରଣ କରାଯାଏ ନାହିଁ ।

ମନୁଷ୍ୟର ଯେ ଏକ ଉଚ୍ଚ ଆଧ୍ୟାତ୍ମିକ ଆକାଂକ୍ଷା ରହିଛି, ଅବତାରରେ ବିଶ୍ୱାସ ହେଉଛି ତାହାର ଏକ ପ୍ରମାଣ । ଭଗବାନଙ୍କର ସଦୃଶ ହୋଇ ନପାରିଥିବା ପର୍ଯ୍ୟନ୍ତ ମନୁଷ୍ୟ ନିଜ ସହିତ ଆଦୌ ଶାନ୍ତିରେ ବାସ କରି ପାରେନାହିଁ । ଏହି ସ୍ତରରେ ଆସି ପହଞ୍ଚିବାର ଉଦ୍ୟମକୁ ମନୁଷ୍ୟର ଉଚ୍ଚତମ ଏବଂ ଯୋଗ୍ୟତମ ବୋଲି ହିଁ କୁହାଯିବ । ଏହାହିଁ ଆତ୍ମଉପଲବ୍ଧି । ଗୀତାରେ ଏହି ଆତ୍ମଉପଲବ୍ଧି ବିଷୟରେ ଚର୍ଚ୍ଚା କରାଯାଇଛି, ଯେକୌଣସି ଧର୍ମଗ୍ରନ୍ଥରେ ମଧ୍ୟ କରାଯାଇଛି ।

ତେଣୁ, ଯେଉଁ ଈଶ୍ୱରଦୂତ ଅଥବା ଅବତାରମାନ ସୁଦୂର ଅତୀତରେ ଜୀବନ ବଞ୍ଚି ଯାଇଛନ୍ତି, ସେମାନଙ୍କୁ ବିଶ୍ୱାସ କରିବା ଆଦୌ କୌଣସି ଅଳସ ଅନ୍ଧବିଶ୍ୱାସ ନୁହେଁ, ଏହାକୁ ଏକ ଅନ୍ତର୍ଗତତମ ଆଧ୍ୟାତ୍ମିକ ଆବଶ୍ୟକତାର ପୂରଣ ବୋଲି କୁହାଯାଇ ପାରିବ ।

ମନୁଷ୍ୟର ଭାଷାଦ୍ୱାରା ଭଗବାନଙ୍କର ରୀତିଗୁଡ଼ିକୁ କେବଳ ଅତ୍ୟନ୍ତ ଅପୂର୍ଣ୍ଣଭାବରେ ହିଁ ବର୍ଣ୍ଣନା କରାଯାଇ ପାରିବ । ମୁଁ ସ୍ପଷ୍ଟଭାବରେ ଅନୁଭବ କରୁଛି ଯେ ସେଗୁଡ଼ିକ ଅବର୍ଣ୍ଣନୀୟ, ଅତ୍ୟନ୍ତ ଅଗମ୍ୟ । ମାତ୍ର, ଯଦି ନଶ୍ୱର ମନୁଷ୍ୟ ସେଗୁଡ଼ିକୁ ବର୍ଣ୍ଣନା କରିବାଲାଗି ସାହସ କରିବ, ନିଜର ଖଣ୍ଡଖଣ୍ଡିଆ ଭାଷାଟି ବ୍ୟତୀତ ତା’ପାଖରେ ଆଉ ଅନ୍ୟ ମାଧ୍ୟମ ଆଉ କିଛିନାହିଁ ।

ଆମେ ଭଗବାନଙ୍କର ସବୁ ନିୟମକୁ ଜାଣିନାହୁଁ । ସେଗୁଡ଼ିକ କିପରି କାର୍ଯ୍ୟ କରୁଛନ୍ତି, ଆମର ସେହି ବିଷୟରେ ମଧ୍ୟ କୌଣସି ଜ୍ଞାନ ନାହିଁ । ଏହି କ୍ଷେତ୍ରରେ ସବୁଠାରୁ ଅଧିକ ଦୀର୍ଘକାୟ ବୈଜ୍ଞାନିକ ବା ସବୁଠାରୁ ଅଧିକ ବଡ଼ ଅଧ୍ୟାତ୍ମବାଦୀର ଜ୍ଞାନ ଧୂଳିର ଗୋଟାଏ କଣିକାପରି ହିଁ ହୋଇ ପାରିବ । ଭଗବାନଙ୍କୁ ଯେ ମୁଁ ଯେକୌଣସି ପାର୍ଥିବ ପିତା ଭଳି ଏକ ବ୍ୟକ୍ତିସତ୍ତା ବୋଲି କହେନାହିଁ, ତା’ର କାରଣ ହେଉଛି ଯେ ସେ ହେଉଛନ୍ତି ତାହାଠାରୁ ଅପ୍ରମିତ ଗୁଣରେ ଅଧିକ । ମୋ’ ଜୀବନର କ୍ଷୁଦ୍ରତମ ଚିକିନିସ୍‌ରେ ମଧ୍ୟ ସେ ମୋ’ର ଶାସନ କରୁଛନ୍ତି । ତାଙ୍କର ଇଚ୍ଛା ନହେଲେ ପତରଟିଏ ମଧ୍ୟ ହଲିବନାହିଁ ବୋଲି ମୁଁ ଆକ୍ଷରିକ ଭାବରେ ବିଶ୍ୱାସ କରେ । ମୁଁ ଗ୍ରହଣ କରୁଥିବା ପ୍ରତ୍ୟେକ ନିଃଶ୍ୱାସ ତାଙ୍କରି ଅନୁମତି ଉପରେ ନିର୍ଭରଶୀଳ ହୋଇ ରହିଛି ।

ସେ ଏବଂ ତାଙ୍କର ବିଧାନ ପରସ୍ପରଠାରୁ ଅଭିନ୍ନ, ସେହି ପରମ ବିଧାନ ହିଁ ଭଗବାନ । ତାଙ୍କ ଠାରେ ଯେଉଁ ଗୁଣଗୁଡ଼ିକର ଆରୋପ କରାଯାଏ, ସେଗୁଡ଼ିକ କେବଳ ଗୋଟିଏ ଗୁଣ ନୁହନ୍ତି । ସେ ସ୍ୱୟଂ ହେଉଛନ୍ତି ସେହି ଗୁଣ । ସିଏ ହେଉଛନ୍ତି ସତ୍ୟ, ସିଏ ବିଧାନ ଏବଂ ମନୁଷ୍ୟ ତା’ର ବୁଦ୍ଧି ବଳରେ ତା’ଙ୍କୁ ଯାହା ବୋଲି କହିପାରିବ, ଭଗବାନ ହେଉଛନ୍ତି ସେହି ସବୁକିଛି ।

ପ୍ରକୃତିର ବିଧାନଗୁଡ଼ିକରେ କୌଣସି ପରିବର୍ତ୍ତନ ହୁଏନାହିଁ । ସେଗୁଡ଼ିକ ଅପରିବର୍ତ୍ତନୀୟ ପ୍ରକୃତିର ବିଧାନଗୁଡ଼ିକ ଉପରେ କୌଣସି ପ୍ରକାର ଉଲଂଘନ କିମ୍ବା ହସ୍ତକ୍ଷେପ କରିବା ଅର୍ଥରେ ପୃଥିବୀରେ ଆଦୌ କୌଣସି ଅଲୌକିକ ଘଟଣା କେବେ ଘଟେନାହିଁ । ମାତ୍ର ଆମେ ଗୋଟିଏ ଗୋଟିଏ ସୀମିତ ସତ୍ତା ହୋଇଥିବାରୁ ଆମେ ହିଁ ଯାବତୀୟ ପ୍ରକାରର କଳ୍ପନା କରିଥାଉ ଏବଂ ଭଗବାନଙ୍କ ଉପରେ ଆମର ସୀମାଗୁଡ଼ିକୁ ନେଇ ଲଦିଦେଉ । ଆମେ ହୁଏତ ଭଗବାନଙ୍କର ନ କଲ କରିପାରୁ, ମାତ୍ର ସେ କଦାପି ଆମର ନକଲ କରିବେ ନାହିଁ । ଆମେ ତାଙ୍କ ଲାଗି ସମୟର ବିଭାଜନ କଦାପି କରି ନପାରୁ । କାରଣ, ତାଙ୍କ ଲାଗି ସମୟ ବା କାଳ କେବଳ ଶାଶ୍ୱତ କାଳକୁ ହିଁ ବୁଝାଏ । ଆମ ଲାଗି ଅତୀତ ରହିଛି, ବର୍ତ୍ତମାନ ଓ ଭବିଷ୍ୟତ ମଧ୍ୟ ରହିଛି । ନିରବଧି କାଳର ଅସୀମତା ଭିତରେ ଶହେଟି ବର୍ଷର ମନୁଷ୍ୟଜୀବନ କେବଳ ଗୋଟିଏ ବିନ୍ଦୁ ବ୍ୟତୀତ ଆଉ କ’ଣ ହୋଇପାରେ ?

## ସର୍ବେଦ

**ଓ୍ଵିଭୁ ଅନୁଭଓ୍ୱ ସମଦୃଷ୍ଟି ହୈଁ,**
**ନିଃଅକ୍ଷର ପରକାଶ ।**
**ହୃଦୟ କମଲ ସେ ଉଠ ଚଲୀ,**
**ଦୃଷ୍ଟି ନିରତିଶୟ ଭାଶ ।।୬୨।।**

ଭାଷ୍ୟ - ନିଃଶବ୍ଦ ପ୍ରକାଶର ବ୍ୟାପକ ଅନୁଭବ ହୋଇଥାଏ । ଅନ୍ତର୍ଦୃଷ୍ଟି ହୃଦୟ କମଳରୁ ଉଠେଇ ଧାରଣ କରିବା ଉଚିତ, ତେବେ ବ୍ୟାପକ ସତ୍ତାଙ୍କର ବ୍ୟାପକ ଅନୁଭବ ହେବ ।

**ନିଃଶ୍ୱାଁସ ନିଃଶବ୍ଦ ହୈଁ, ପାରଖି**
**ଅନୁଭଓ୍ୱ ହୋୟ ।**
**ମକର ତାର ଗତି ବନ୍ଦ ହୈଁ,**
**ସୁଷମନ ମେଁ ୟହ ସୋୟ ।।୬୩।।**

ଭାଷ୍ୟ - ସୁଷୁମ୍ନାରେ ମକର ତାରର ଗତି ବନ୍ଦ ହେବା ପରେ ନିଶ୍ୱାସ ହୋଇଯାଏ, ସେତେବେଳେ ନିଃଶବ୍ଦର ଅନୁଭବ ହୁଏ ।

**ମକର ତାର କେ ବନ୍ଦ ମେଁ, ମନ**
**ଅରୁ ପଓ୍ୱନ ଅଭାଓ୍ୱ ।**
**ଅନ୍ତର ଶାନ୍ତି ସମୁଦ୍ର ହୈଁ,**
**ଉମଗତ ପ୍ରେମ ପ୍ରଭାଓ୍ୱ ।।୬୪।।**


ଭାଷ୍ୟ - ମକର ତାର ବନ୍ଦ ହୋଇଯିବା ପରେ ମନ ଓ ପବନର ଅଭାବ ହୋଇଯାଏ ଆଉ ଅନ୍ତରରେ ଶାନ୍ତି ସାଗରର ପ୍ରାପ୍ତି ନିମନ୍ତେ ପ୍ରେମ ବିଗଳିତ ହେବାରେ ଲାଗେ ।

**ଅନୁଭବ ସହଜା ବୃତ୍ତି ମେଁ,**
**ସହଜ ସମାଧୀ ଜାଗ ।**
**ନିରତି ନିରନ୍ତର ପ୍ରେମ ହୈଁ,**
**ବ୍ୟଓ୍ୱଧାନ ନହିଁ ଲାଗ ।।୬୫।।**

ଭାଷ୍ୟ - ସହଜ ସମାଧିରେ ସହଜାବୃତ୍ତିରୁ ଅନୁଭବ ହୋଇଥାଏ ଆଉ ନିରନ୍ତର ପ୍ରେମ ସର୍ବଦା ଉର୍ଦ୍ଧ୍ୱକୁ ପ୍ରବାହିତ ହେଉଥାଏ, କୌଣସି ପ୍ରକାର ବାଧା ହୋଇ ନ ଥାଏ ।

**ଶବ୍ଦ ଅଖଣ୍ଡ ସମାଧି ମେଁ, ଜ୍ଞାନ**
**ଆନନ୍ଦ ସ୍ୱରୂପ ।**
**ହଁସ ଚେତ ସଂକଳ୍ପ ହୈଁ, ଟୁଟେ**
**ସମାଧି ଅନୂପ ।।୬୬।।**

ଭାଷ୍ୟ - ଶବ୍ଦର ଅଖଣ୍ଡ ସମାଧିରେ ଜୀବ ଜ୍ଞାନ ଆଉ ଆନନ୍ଦର ସ୍ୱରୂପ ହୋଇଯାଏ । ସମାଧି ତୁଟିଯିବାର କାରଣରୁ




ସମାଧିର ପୂର୍ଣ୍ଣ ଚେତନ ଗୁଣ ଜୀବର ପ୍ରଥମ ସଂକଳ୍ପ ଅଟେ ।

**ସଂୟମ ଦେଶ ପ୍ରକୃତି ହୈଁ, ଜଡ଼**
**ସମାଧି ମୟ ସୋୟ ।**
**ଓ୍ଵାସ୍ତଓ୍ୱ ମେଁ ଓ୍ୱହ କୁଛ ନହୀଁ,**
**ବନ୍ଧନ ମାୟା ସୋୟ ।।୬୭।।**

ଭାଷ୍ୟ - ପ୍ରକୃତି ପ୍ରଦେଶରେ ଯେଉଁ ସ୍ଥିରତାରେ ସମାଧି ହୁଏ, ତାହା ଜଡ଼ ସମାଧି ଅଟେ । ସେଥିରେ ଜ୍ଞାନ ଅଥବା ଆନନ୍ଦ କିଛି ନ ଥାଏ । ତାହା ବାସ୍ତବରେ ସମାଧି ପଦବାଚ୍ୟ ନୁହେଁ । ତାହା ଜୀବର ଏକ ପ୍ରକାରର ମାୟା ବନ୍ଧନ ଅଟେ ।

**ମନ ହୀ ମନ ମେଁ ଧାରଣା, ମନ**
**ହୀ ମନ ମେଁ ଧ୍ୟାନ ।**
**ମନ ହୀ ମନା ସମାଧି ହୈଁ, ୟହ**
**ଧୋଖା ଭ୍ରମ ଜାନ ।।୬୮।।**

ଭାଷ୍ୟ - ମନ ପ୍ରକୃତି ମଣ୍ଡଳର ପଦାର୍ଥ ଅଟେ । ତାହା ପ୍ରାକୃତିକ ବିଷୟଗୁଡ଼ିକୁ ଉପଭୋଗ କରିଥାଏ । ଇନ୍ଦ୍ରିୟଗୁଡ଼ିକ ମନର ଅଧୀନ ହୋଇ ହିଁ କାର୍ଯ୍ୟ କରିଥାନ୍ତି । ସେଥିପାଇଁ ମନର ସମସ୍ତ କାର୍ଯ୍ୟ ଅନିତ୍ୟ ଏବଂ ଜଡ଼ ଅଟେ । ସୁତରାଂ ମନର ସମସ୍ତ ଧାରଣା, ଧ୍ୟାନ ଏବଂ ସମାଧି ଭ୍ରମ ଅଟେ । ସେଥିରେ ସତ୍ୟ ପ୍ରାପ୍ତି କିଛି ନୁହେଁ । ମନ ତଥା ଏହାର ମଣ୍ଡଳକୁ ଛାଡ଼ି ଚେତନ ସାଧନ ଦ୍ୱାରା ସମାଧିର ପ୍ରାପ୍ତି ହୋଇଥାଏ । ତାହା ସତ୍ୟ ସମାଧି ଅଟେ, ଯେଉଁଥିରେ ଜ୍ଞାନ, ଆନନ୍ଦ ଓ ଜୀବନ ପ୍ରାପ୍ତ ହୋଇଥାଏ ।

**ଶବ୍ଦ କେ ଧାରକ ଶକ୍ତି କୋ,**
**ମକର ତାର କହ ସୋୟ ।**
**ହଁସ ପୁରୁଷ ଲାଗୀ ରହେ, ୟହ**
**ଗତି ଜାନ ନ କୋୟ ।।୬୯।।**

ଭାଷ୍ୟ - ଶବ୍ଦକୁ ଧାରଣ କରୁଥିବା ଶକ୍ତିକୁ ମକର ତାର କହନ୍ତି । ଜୀବ ଠାରୁ ପୁରୁଷ ପର୍ଯ୍ୟନ୍ତ ଏହାର ସମ୍ବନ୍ଧ ଲାଗି ରହିଛି । ଏହି ଜ୍ଞାନ ରହସ୍ୟକୁ ଅନୁଭବୀ ସନ୍ଥ ଅତିରିକ୍ତ ଅନ୍ୟ କେହି ଜାଣି ପାରନ୍ତି ନାହିଁ ।

**ସୁରତି ନିରୋଧେ ଆପ ମେଁ,**
**ସକଲ ଜ୍ଞାନ ନିଜ ଆୟ ।**
**ଧ୍ୟାନ ଜାହି ମନ ରୂପ କୋ,**
**ମାୟା ବ୍ରହ୍ମ ସମାୟ ।।୭୦।।**

ଭାଷ୍ୟ - ଆତ୍ମା ଯେଉଁଥିରେ ନିଜ ଶକ୍ତିର ସଂଚୟ କରେ, ସେହି ଧ୍ୟେୟର ସମସ୍ତ ଗୁଣ ତା ଭିତରେ ଆସିଯାଏ ଓ ତାହା ତାର ସ୍ୱରୂପ ହୋଇଯାଏ ଅର୍ଥାତ୍ ଯେଉଁ ସ୍ୱରୂପକୁ ଧ୍ୟାନ କରେ, ସେ ସେହି ସ୍ୱରୂପର ହୋଇଯାଏ । ଜଗତର ଧ୍ୟାନ କରିବା ଦ୍ୱାରା ଜଗତର ସ୍ୱରୂପ ଓ ବ୍ରହ୍ମର ଚିନ୍ତନ ଭଜନ କରିବା ଦ୍ୱାରା ବ୍ରହ୍ମର ସ୍ୱରୂପ ହୋଇଯାଏ ।

**କରତ କରତ ଅଭ୍ୟାସ ସେ,**
**ଦଶା ସୁଷ୍ମନା ଆୟ ।**
**ନିଃଶ୍ୱାଁସା ମେଁ ଗମ କରେ,**
**ଅନୁଭଓ୍ୱ ଶବ୍ଦ ଲଖାୟ ।।୭୧।।**

ଭାଷ୍ୟ - ଅଭ୍ୟାସ ଦ୍ୱାରା ସୁଷୁମ୍ନାର ପ୍ରବାହ ହେବାରେ ଲାଗେ ଆଉ ଇଙ୍ଗଳା ପିଙ୍ଗଳା ଦୁଇ ନାସାପୁଟ ବନ୍ଦ ହୋଇଯାଏ ଓ ନିଶ୍ୱାସ ହେବା ପରେ ଶବ୍ଦର ଅନୁଭବ ପ୍ରକାଶ ପ୍ରାପ୍ତ ହୋଇଥାଏ ।

**ସାର ଶବ୍ଦ କୀ ସାଧନା, ସର୍ୱ**
**ସାଧନା ହୋୟ ।**
**ମୂଲ ନୀର ମୁଖ ଅନ ଦିୟେ, ସର୍ୱ**
**ପାଲନା ହୋୟ ।।୭୨।।**

ଭାଷ୍ୟ – ଏକମାତ୍ର ମୂଳ ସାରଶବ୍ଦର ସାଧନା ଅଭ୍ୟାସରୁ ସମସ୍ତ ସାଧନା ସ୍ୱତଃ ହୋଇଯାଆନ୍ତି । ଯେମିତି କେବଳ ମୁଖରେ ଅନ୍ନ ଏବଂ ଜଳ ଦେବା 'ଳରେ ସମଗ୍ର ଶରୀରର ପାଳନ ପୋଷଣ ହୋଇଯାଏ ।

**ଏକ ସାଧନା ପୂର୍ଣ୍ଣ ହୈଁ, ତବ**
**ଦୂସର ତୁମ ସାଧ ।**
**ଏକ୍ଛି ବଟେ ଦୋ ଭାଓ୍ୱ ମେଁ,**
**ବାଢ଼ତ ବହୁତ ଉପାଧି ।।୭୩।।**

ଭାଷ୍ୟ - ଗୋଟିଏ ସାଧନା ପୂରଣ ହୋଇଯିବା ପରେ ହିଁ ଆଉ ଏକ ସାଧନା ପ୍ରାରମ୍ଭ କରିବା ଉଚିତ । ଦୁଇଟି ଶ୍ରେଣୀରେ ଶକ୍ତି ବାଂଟି ହୋଇଯିବା ହେତୁ ଆଗକୁ ସାଧନା ଅଭ୍ୟାସରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ସେଥିପାଇଁ କ୍ରମପୂର୍ବକ ସାଧନା କରି ଅଗ୍ରସର ହେବାକୁ ପ୍ରୟାସ କରିବା ଉଚିତ ।

**ଶନୈ ଶନୈ ଦୁର ଦେଶ ମେଁ,**
**ଶନୈ ପର୍ୱତ ଲାଂଘ ।**
**ବୁନ୍ଦ ବୁନ୍ଦ ସାଗରେ ଭରେ,**
**ଅକ୍ଷର ଅକ୍ଷର ସାଧ ।।୭୪।।**

ଭାଷ୍ୟ - ଧୀରେ ଧୀରେ ଚାଲିବା ଆରମ୍ଭ କଲେ ମନୁଷ୍ୟ ସୁଦୂର ସ୍ଥାନକୁ ପହଞ୍ଚି ପାରେ ଓ ଧୀରେ ଧୀରେ ଚାଲିବା ଦ୍ୱାରା ପର୍ବତର ଉଚ୍ଚ ଶିଖରକୁ ମଧ୍ୟ ଲଂଘିହୁଏ । ବୁନ୍ଦା ବୁନ୍ଦା ପାଣି ବର୍ଷିଲେ ଜଳାଶୟ ଭରିଯାଏ ଓ ଧୀରେ ଧୀରେ ବିଦ୍ୟା ପଢ଼ିଲେ କେବେ ନା କେବେ ମନୁଷ୍ୟ ବିଦ୍ୱାନ୍ ହୋଇଯାଏ ।

**ଦୀମକ ମିଟ୍ଟୀ ଜୋରତେ, ସାକ୍ଷର**
**ଧର୍ମ ଅଚାର ।**
**କ୍ଷଣ କ୍ଷଣ କେ ଅଭ୍ୟାସ ମେଁ,**
**ୟୋଗୀ ବ୍ରହ୍ମ ଓ୍ୱିଚାର ।।୭୫।।**

ଭାଷ୍ୟ - ଯେପରି ଉଈ ମାଟିରେ ହୁଙ୍କା ତିଆରି କରିପାରେ, ସେପରି ବିଦ୍ୱାନ୍ ଧର୍ମଜ୍ଞ ପୁରୁଷ ଧର୍ମର ଆଚରଣ କରି ପୂର୍ଣପୁଞ୍ଜୀ ହୋଇଯାଏ । ଠିକ୍ ସେହିପରି ଯୋଗୀ ପ୍ରତିକ୍ଷଣ ବ୍ରହ୍ମ ଉପାସନା କରି ନିଜ ଲକ୍ଷ୍ୟକୁ ପୂରଣ କରି ପରମାନନ୍ଦିତ ହୋଇ କୃତକୃତ୍ୟ ହୋଇଯାଏ । ସେଥିପାଇଁ ସଦ୍‌ଗୁରୁଙ୍କର ଯୋଗ ବିଦ୍ୟା ଦ୍ୱାରା ପ୍ରତିଦିନ ଯୋଗ ସାଧନା କରି ମାନବ ଜୀବନକୁ ସୁଖମୟ କରିବା ଉଚିତ ଯାହା ଦ୍ୱାରା ଜୀବନର ସମସ୍ତ ଲକ୍ଷ୍ୟ ପୂରଣ ହୋଇପାରିବ ।

## ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ବିଟ୍

ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ବିଟ୍ । ଏଥିରେ ସୋଡିୟମ୍, ପୋଟାସିୟମ୍, ଫସ୍‌ଫରସ୍, କ୍ୟାଲସିୟମ୍, ସଲଫର୍, କ୍ଲୋରିନ୍, ଆୟୋଡିନ୍, ଆଇରନ, ଭିଟାମିନ୍ -ବି ୧, ବି ୨, ଭିଟାମିନ୍ ସି' ମଧ ଉପଲବ୍ଧ । ଏଥିରେ କ୍ୟାଲୋରି ଖୁବ୍ କମ୍ ରହିଛି । ଏହାର ଜୁସ୍ ଅନେକ ରୋଗର ଉପଚାର କରିଥାଏ । ସାଲାଡ୍ କରି ଖାଇବା ଦ୍ୱାରା ମଧ ଲାଭ ମିଳିଥାଏ ।

ରକ୍ତ ଶର୍କରାର ସ୍ତରକୁ ହ୍ରାସ କରିଥାଏ ବିଟ୍ । ଏଥିରେ ରହିଛି ନାଇଟ୍ରେଟ୍ସ । ଏହାକୁ ଖାଇବା ଦ୍ୱାରା ଏହା ଆଉ ଏକ ନାଇଟ୍ରିକ୍ ଅକ୍ସାଇଡରେ ପରିବର୍ତ୍ତିତ ହୋଇଯାଏ । ଏହି ଦୁଇ ତତ୍ତ୍ୱ ଧମନୀକୁ ପ୍ରସାରିତ କରିବା ସହ ରକ୍ତଚାପକୁ କମ୍ କରିବାରେ ସହାୟକ ହୋଇଥାଏ । ଗବେଷକଙ୍କ ମତରେ ଦୈନିକ ବିଟ୍ ଖାଇବା ଦ୍ୱାରା



ଛ' ଘଣ୍ଟାରେ ବ୍ୟକ୍ତିର ରକ୍ତଚାପ ହ୍ରାସ ପାଏ । ଏହା ଖରାପ କୋଲେଷ୍ଟରଲକୁ ହ୍ରାସ କରିଥାଏ । ଏଥିରେ ବହୁ ମାତ୍ରାରେ ଫାଇବର୍, ଫ୍ଲେବୋନଏଡସ ଏବଂ ବିଟାସା ଏନିନ୍ ଉପଲବ୍ଧ । ଏହାକୁ ମଧ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ଭାବେ ବିବେଚନା କରାଯାଏ । ବିଟ୍ ହୃଦରୋଗର ସମ୍ଭାବନାକୁ ହ୍ରାସ କରେ ।

ବିଟ୍‌ର ରଙ୍ଗ ଲାଲ୍ ହୋଇଥିବାରୁ ଏହାକୁ ଖାଇବା ଦ୍ୱାରା ରକ୍ତାଭାବ ଦୂର ହୁଏ ବୋଲି ଏକ ବିଶ୍ୱାସ ରହିଛି । ତେବେ ଏହା ସଂପୂର୍ଣ୍ଣ ଅସତ୍ୟ ନୁହେଁ । କଥାଟି ହେଲା ବିଟରେ ଯଥେଷ୍ଟ ଆଇରନ୍ ଥିବାରୁ ଶରୀରରେ ହେମୋଗ୍ଲୋବିନ୍ ସୃଷ୍ଟି କରିଥାଏ । ତେଣୁ ରକ୍ତହୀନତା ଭୋଗୁଥିବା ରୋଗୀ ଏହାକୁ ନିୟମିତ ଖାଇବା ଦ୍ୱାରା ଲାଭ ପାଇ ପାରିବ ।

ବିଟ୍‌କୁ ପ୍ରାକୃତିକ ଭାଏଗ୍ରା ବୋଲି କୁହାଯାଏ । ପୁରାକାଳରେ ଏହାକୁ ଯୌନସ୍ୱାସ୍ଥ୍ୟ ପାଇଁ ବ୍ୟବହାର କରାଯାଉଥିଲା । ଏଥିରେ ଉପଲବ୍ଧ ବୋରନ୍ ନାମକ ଏକ ରସାୟନ ସେକ୍ସ ହର୍ମୋନ୍ ପ୍ରସ୍ତୁତିରେ ସହାୟତା କରିଥାଏ । ବିଟରେ ଥିବା ବିଟାସାୟାନିନ୍ ତତ୍ତ୍ୱ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଏ ।

ହାଭାର୍ଡ ୟୁନିଭର୍ସିଟିର ଏକ ଅଧ୍ୟୟନରୁ ଜଣାଯାଇଛି, ସ୍ତନ କର୍କଟ ରୋଗୀ ବିଟ୍ ଖାଇବା ଦ୍ୱାରା ଟ୍ୟୁମର ବଢୁଥିଲେ ତାହାର ଗତି ୧୨.୫ ପ୍ରତିଶତ ହ୍ରାସ ପାଏ ।

ଏଥିରୁ ମିଳୁଥିବା ଫାଇବର ପାଇଁ ଏହାକୁ ଏକ ରେଚକ ଔଷଧୀ ଭାବେ ବ୍ୟବହାର କରାଯାଏ । ଏହା କୋଷ୍ଠକାଠିନ୍ୟକୁ ହଟାଇ ପେଟକୁ ସଫା କରିଦିଏ ।

ବିଟ୍ ଖାଇବା ଦ୍ୱାରା ମସ୍ତିଷ୍କକୁ ଯଥେଷ୍ଟ ଅକ୍ସିଜେନ୍ ମିଳି ପାରିଥାଏ । ତେଣୁ ମସ୍ତିଷ୍କର କାର୍ଯ୍ୟକ୍ଷମତା ବୃଦ୍ଧିପାଏ । ବିଟ୍ ଖାଇବା ଦ୍ୱାରା ସ୍ମୃତିଭ୍ରଂଶ ବା ଭୁଲାମନ ସମସ୍ୟା ଦୂରହୁଏ ।

## ଉପକାରୀ ଜୁଆଣି

ଜୁଆଣିରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ବିଶେଷକରି ପ୍ରସବ ପରେ ମହିଳାମାନଙ୍କ ପାଇଁ ଏହା ବେଶ୍ ଲାଭପ୍ରଦ । ଜୁଆଣି ପାଚନ କ୍ରିୟା ସମ୍ବନ୍ଧିତ ଅନେକ ସମସ୍ୟାର ସମାଧାନ କରିଥାଏ । ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଭରି ରହିଛି ।

ଏହା କେବଳ ଖାଦ୍ୟର ସ୍ୱାଦ ବଢ଼ାଇ ନ ଥାଏ ବରଂ ପ୍ରସବ ପରେ ମହିଳାଙ୍କ ପେଟ କମାଇବାରେ ସାହାଯ୍ୟ କରିଥାଏ ।

ରାତିରେ ଏକ ଚାମଚ ଜୁଆଣିକୁ ଏକ ଗ୍ଲାସ ପାଣିରେ ଭିଜାଇ ରାତିସାରା ରଖନ୍ତୁ । ଏହାକୁ ସକାଳେ ଭଲ ଭାବେ ଫୁଟାଇ ଛାଣିକରି ଥଣ୍ଡା ହେବା ପରେ ପିଅନ୍ତୁ ।

ଡେଲିଭରି ପରେ ଯଦି ଆପଣଙ୍କର ଗ୍ୟାଷ୍ଟିକ, ପେଟ ଦରଜ କିମ୍ବା ପାଚନ କ୍ରିୟା ସମ୍ବନ୍ଧିତ ସମସ୍ୟା ରହୁଛି ତେବେ ଜୁଆଣି ପାଣି ପିଅନ୍ତୁ । ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ହେବା ସହ ମାଂସପେଶୀର ଉପଯୁକ୍ତ ବିକାଶ ହୋଇଥାଏ ।

ସ୍ତନ୍ୟପାନ କରାଉଥିବା ମହିଳାଙ୍କ ପାଇଁ ଜୁଆଣି ପାଣି ବହୁତ ଲାଭଦାୟକ । କାରଣ ଏଥିରେ କ୍ଷୀର



ଉତ୍ପାଦନ ଗୁଣ ରହିଛି ।

ଏଥିରେ ଏପରି ତତ୍ତ୍ୱ ରହିଛି, ଯାହା ପ୍ରସବ ପରେ ଶରୀରର ଦରଜ ଦୂର କରିଥାଏ । ପିଠି କିମ୍ବା ଆଣ୍ଠୁଗଣ୍ଠି ଦରଜ ମଧ କମ୍ କରିଥାଏ । ସୁସ୍ଥ ଆହାର ଏବଂ ଜୁଆଣି ପାଣି ପିଇବା ସହ ବ୍ୟାୟାମ ଦ୍ୱାରା ଶରୀରରେ ମେଟାବୋଲିଜମ୍ ସ୍ତର ସନ୍ତୁଳିତ ରହିଥାଏ । ଏହା ମଧ କେତେକାଂଶରେ ଓଜନ ବୃଦ୍ଧିକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ ।

## ଟିକିଏ ହସନ୍ତୁ

ଶିକ୍ଷକ : କହିଲ ପିଲେ, କଣ୍ଟକିତ ରାସ୍ତାରେ ତୁମର ସାଥି କିଏ ଦେବ ? ବାପା, ମା', ଭାଇ, ଭଉଣୀ, ସ୍ତ୍ରୀ ନା ପିଲା ?
ପପୁ : ସାର୍ ମୁଁ କହିବି ।
ଶିକ୍ଷକ : ହଉ କହ ।
ପପୁ : ସାର୍ ଏମାନଙ୍କ ଭିତରୁ କେହି ନୁହେଁ, କେବଳ ଚପଲ ସାଥ୍ ଦେବ ।

× × × ×

ରଘୁ ରାଜୁକୁ : କାଲି ରାତିରେ ଘରକୁ ଫେରିବାବେଳେ ଗୋଟେ ଚୋର ଛୁରୀ ଦେଖାଇ ମୋଠୁ ସବୁକିଛି ଲୁଟି ନେଲା ।
ରାଜୁ : ତୁ ପରା ପାଖରେ ପିସ୍ତଲ ରଖୁ, ଚୋରକୁ ଦେଖେଇଲୁ ନି !
ରଘୁ : ଭାଗ୍ୟ ଭଲ ମୁଁ ତାକୁ ଲୁଚେଇ ଦେଇଥିଲି । ନ ହେଲେ ଚୋର ତାକୁ ବି ନେଇ ଯାଇଥାନ୍ତା ।

× × × ×

ଶୁନ୍‌ଶାନ୍ ସଡ଼କରେ ଯୁବତୀଟିଏ ଏକୁଟିଆ ଗଲାବେଳେ ଜଣେ
ଯୁବକ : ଆସୁନ ଯିବା ।
ଯୁବତୀ : କୋଉଠି କି ?
ଯୁବକ : ତମେ କହିବ ଯୋଉଠି କି ?
ଯୁବତୀ : ଚାଲ ତେବେ ପୋଲିସ୍ ଷ୍ଟେସନ୍ ।
ଯୁବକ : ଭଉଣୀ ସହ କ'ଣ ଥଟ୍ଟାମଜା ଟିକେ କରି ପାରିବିନି ।



× × × ×

ବାଘ ବାଘୁଣୀକୁ କିସ୍ କରିବାକୁ ଆସୁଥାଏ । ଏହା ଦେଖୁ ବାଘୁଣୀ : ରୁହ ଟିକେ ।
ବାଘ : କ'ଣ ହେଲା ?
ବାଘୁଣୀ : ମୁଁ ଟିକେ ଚେକ୍ କରିନିଏ କୋଉଠି ଡିସ୍କଭରୀ ଚ୍ୟାନେଲବାଲା ନାହାନ୍ତି ତ । ନହେଲେ ସେମାନେ ଆମ ରୋମାନ୍ସ ଫଟୋ ଉଠାଇ ନେବେ ।

× × × ×

ବାପା ପୁଅକୁ : ଝିଅଘର ତତେ ଦରମା କେତେ ପଚାରିଲେ ତୁ ଅଧିକା କରି କହିବୁ ।
ପୁଅ : ହଉ ।
ଝିଅ ବାପା : ପୁଅ, ତୁମର ଦରମା କେତେ ?
ପୁଅ : ଏମିତି ଦେଖିଲେ ମୋ ଦରମା ଦେଢ କୋଟି । ହେଲେ କଟି କାଟିକି ମିଳୁଛି ୯୦୦୦ଟଙ୍କା ।

× × × ×

ଗୋଟିଏ ଗାଁକୁ ବିଜୁଳି ଆସିବ ବୋଲି ସରକାର ଘୋଷଣା କଲେ । ଏହା ଶୁଣି ସମସ୍ତେ ଖୁସିରେ ନାଚି ଉଠିଲେ । ଏକ କୁକୁର ବି ଖୁସିରେ ନାଚୁଥାଏ । ଏହା ଦେଖି ଜଣେ ବ୍ୟକ୍ତି ; ଏ କୁକୁର କାହିଁକି ନାଚୁଛି ?
ଅନ୍ୟ ଜଣେ ବ୍ୟକ୍ତି : ସେ ବି ବହୁତ ଖୁସି ଅଛି । କାରଣ ବିଜୁଳି ଆସିଲେ ଗାଁ ସାରା ଅନେକ ଖମ୍ବ ପୋତା ହେବ । ଆଉ ତା'ଉପରେ ସେ ସୁସୁ କରିବ ।

# ମହୁଲର ଉପକାରିତା

ମହୁଆ, ମୋହା, ମଧୁକା, ଇଲୁପ୍ପାଇ, ମଡୁରଗମ, ମାଭାଗାମୀ, କୁଲିଙ୍ଗମ୍, ଟିଟିନାମ୍ ମୋଆରା ପରି ଭାରତର ବିଭିନ୍ନ ଭାଷାରେ ମହୁଲ ବୃକ୍ଷର ଏପରି ପୃଥକ ନାମ ରହିଛି । ଓଡ଼ିଶା ସମେତ ଝାଡଖଣ୍ଡ, ଉତ୍ତରପ୍ରଦେଶ, ବିହାର, କେରଳ ଓ ଗୁଜୁରାଟର ଜଙ୍ଗଲଗୁଡିକରେ ଏହି ବୃକ୍ଷ ଦେଖିବାକୁ ମିଳେ । କେବଳ ଜଙ୍ଗଲ କାହିଁକି ଛାଇ ପାଇଁ ଏହାକୁ ବାଡିବଗିଚା, ରାସ୍ତାକଡ଼ରେ ମଧ ଲଗାଯାଇଥାଏ । ଏହି ଗଛଟି ବାରରୁ ପନ୍ଦର ମିଟର ପର୍ଯ୍ୟନ୍ତ ବଢ଼ିପାରେ । ଏହାର କାଠ ବେଶ୍ ମଜଭୁତ । ମହୁଲର ଫୁଲ ମିଠା ଲାଗିଥାଏ । ମହୁଲରୁ ବିଭିନ୍ନ ଉପାୟରେ ମହୁଲି ପ୍ରସ୍ତୁତ କରାଯାଏ । କେତେକ ଅଞ୍ଚଳରେ ମହୁଲକୁ ବାନ୍ଧି ଖିଆଯାଏ । ମହୁଲ ମଞ୍ଜିରୁ ତେଲ ବାହାର କରାଯାଇ ବ୍ୟବହାର କରାଯାଇଥାଏ । ମହୁଲ ଫୁଲର ବାସ୍ନା ମନକୁ ଆହ୍ଲାଦିତ କରେ । ଏହି ବୃକ୍ଷର ପତ୍ର, ଛାଲି, ଫୁଲ, ମଞ୍ଜିରେ ଔଷଧୀୟ ଗୁଣ ଭରି ରହିଛି । ବାତ, ପିତ୍ତ, କଫଂକୁ ଏହା ଶାନ୍ତ କରିଥାଏ ।

ପିପ୍ପଳି, ବଚ, ଗୋଲମରିଚ, ମହୁ ଏବଂ ସୈନ୍ଧବ ଲବଣ ପାଣିରେ ମିଶାଇ ନାକପଟେ ନେବା ଦ୍ୱାରା ଅପସ୍ମାର, ଉନ୍ମାଦ, ସନ୍ନିପାତ ଆଦି ରୋଗରେ ଉପଶମ ହୋଇଥାଏ ।

ମହୁଲର ଛାଲି ପୁରୁଷର ଧାତୁ ପୁଷ୍ଟିରେ ସହାୟକ ହୋଇଥାଏ । ଏହାର ଛାଲିର ଚୂର୍ଣ୍ଣକୁ ଗାଈ କ୍ଷୀରରେ ଚିନି ମିଶାଇ ପିଇବା ଦ୍ୱାରା ଏହି ଲାଭ ମିଳିଥାଏ ।

ଛେଳି କ୍ଷୀରରେ ମହୁଲ ଫୁଲକୁ ସିଝାଇ ପିଇବା ଦ୍ୱାରା ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ ରକ୍ଷା ମିଳିଥାଏ ।

ସନ୍ତାନ ପ୍ରସବ କରିଥିବା ମହିଳାଙ୍କର କ୍ଷୀର ହେଉ ନ ଥିଲେ ପ୍ରତ୍ୟହ ସକାଳେ ଏବଂ ସନ୍ଧ୍ୟାରେ ମହୁଲ ଫୁଲର ରସ ଚାରି ଚାମଚ ଲେଖା ତାଙ୍କୁ ପିଇବାକୁ ଦେବା ଦରକାର ।

ପାଟି ଓ ନାକରୁ ରକ୍ତ ପଡୁଥିଲେ ପ୍ରତିଦିନ ଦୁଇ ଚାମଚ ଲେଖା ମହୁଲ ଫୁଲର ରସ ପିଇଲେ ରକ୍ତପଡିବା ବନ୍ଦ ହୁଏ । ମହୁଲ ଫୁଲର କାଢ଼ା ପ୍ରସ୍ତୁତ କରି ସକାଳେ ଏବଂ ସନ୍ଧ୍ୟାରେ ଦୁଇଥର ସେବନ କରିବା ଦ୍ୱାରା କାଶ ରୋଗ ଭଲ ହୋଇଥାଏ । ଆହୁରି ମଧ ମହୁଲ ପତ୍ରରୁ କାଢ଼ା ପ୍ରସ୍ତୁତ କରି ରୋଗୀକୁ ପିଇବାକୁ ଦେବା ଦ୍ୱାରା କାଶ ରୋଗ ଆରୋଗ୍ୟ ହୋଇଥାଏ ।

ଗ୍ୟାସ୍ ରୋଗରେ ଆକ୍ରାନ୍ତ ବ୍ୟକ୍ତି



ପାଇଁ ମହୁଲର ପତ୍ର ବେଶ୍ ଉପକାରୀ । ଏହାର ପତ୍ରକୁ ଗରମ କରି ବାୟୁଜନିତ କାରଣରୁ ପୀଡା ହେଉଥିବା ସ୍ଥାନରେ ବାନ୍ଧିଲେ ଉପଶମ ମିଳିଥାଏ ।

ଅର୍ଶରୋଗ ପାଇଁ ଲବଣୀବିହୀନ କ୍ଷୀର ସହ ମହୁଲ ଫୁଲର ବ୍ୟବହାର କରାଯାଇଥାଏ ।

ବାରମ୍ବାର ହାକୁଟି ଉଠୁଥିଲେ ମହୁଲ ଫୁଲର ଚୂର୍ଣ୍ଣ ଏକ ଚାମଚ ଲେଖା ଦିନକୁ ତିନିଥର ମହୁ ସହିତ ସେବନ କରନ୍ତୁ । ହାକୁଟି କମିଯିବ ।

ଶରୀର ଦୁର୍ବଳ ଥିଲେ ୫୦ ଗ୍ରାମ ମହୁଲ ଫୁଲକୁ ଏକ ଗ୍ଲାସ୍ କ୍ଷୀରରେ ଫୁଟାଇ ସେବନ କରନ୍ତୁ । ଏହାଦ୍ୱାରା ଦୁର୍ବଳତା ଦୂର ହୁଏ ।

ମହୁଲ ଫୁଲରେ ଅଣ୍ଡକୋଷକୁ ସେକିବା ଦ୍ୱାରା ତାହା ଫୁଲା ଥିଲେ କିମ୍ବା ସେଥିରେ ଜ୍ୱଳନ ହେଉଥିଲେ ଆରାମ ମିଳିଥାଏ । ସେହିପରି ତାଜା ମହୁଲ ଫୁଲକୁ ପାଣିରେ ପକାଇ ତାକୁ ଫୁଟାନ୍ତୁ ସେଥିରୁ ବାହାରୁଥିବା ବାମ୍ଫରେ ଅଣ୍ଡକୋଷକୁ ସେକିଲେ ଏକଶିରାର ଯନ୍ତ୍ରଣାର ଉପଶମ ହୋଇଥାଏ ।

ଦାନ୍ତମାଢ଼ି ଦୁର୍ବଳ ହୋଇ ଦାନ୍ତ ହଲୁଥିଲେ ମହୁଲ ଡାଳର ଦାନ୍ତକାଠି ବ୍ୟବହାର କରନ୍ତୁ । ଏଥିରେ ତିନି ଚାରିଦିନ ଦାନ୍ତ ଘଷିବା ଦ୍ୱାରା ଦାନ୍ତ ମଜଭୁତ ହୋଇଥାଏ ଏବଂ ମାଢ଼ିରୁ ରକ୍ତ ପଡିବା ବନ୍ଦ ହୋଇଯାଏ ।

୨୦ ରୁ ୪୦ ମି.ଲି ମହୁଲ ଫୁଲର କାଢ଼ା ଦୈନିକ ଦୁଇରୁ ତିନି ଥର ସେବନ କରିବା ଦ୍ୱାରା ଜ୍ୱରରୁ ରକ୍ଷା ମିଳେ । ଆହୁରି ମଧ ଏହା ଶରୀରକୁ ଶକ୍ତିଶାଳୀ କରେ । କୌଣସି କାରଣରୁ ଗଳା ବସି ଯାଇଥିଲେ ମହୁଲର ମଞ୍ଜିକୁ ପାଣିରେ ଘୋରି ସେବନ କରିବା ଦ୍ୱାରା ଗଳା ଖୋଲିଯାଇଥାଏ ।

ଆଣ୍ଠୁଗଣ୍ଠି ସମସ୍ୟା ହେଉ ବା ପବନ ଅଟକିବା ଜନିତ ସମସ୍ୟା ଶରୀରର କୌଣସି ଅଂଶରେ ଯନ୍ତ୍ରଣା ହେଉଥିଲେ ମହୁଲ ତେଲକୁ କିଛିଦିନ ପାଇଁ ନିୟମିତ ଭାବେ ମାଲିସ କରିବା ଦ୍ୱାରା ଯନ୍ତ୍ରଣା ଉପଶମ ହୋଇଥାଏ । ପିଲାମାନଙ୍କୁ ଥଣ୍ଡା ହୋଇଥିଲେ ମହୁଲ ତେଲକୁ ଶରୀରରେ ମାଲିସ କରନ୍ତୁ ଆରାମ ମିଳିବ ।

## ଆପଣ ଜାଣନ୍ତି କି ?

- ଗୋଲାପର ଜନ୍ମ ପଞ୍ଚତିରିଶ ନିୟୁତ ବର୍ଷ ପୁରୁଣା । ପାଞ୍ଚ ହଜାର ବର୍ଷ ପୂର୍ବେ ଚାଇନାରେ ପ୍ରଥମେ ଗୋଲାପର ଉଦ୍ୟାନ କୃଷି ଆରମ୍ଭ ହୋଇଥିଲା । ଗୋଲାପ ପ୍ରଜାତି ସଂଖ୍ୟା ଦେଢ଼ ଶହରୁ ଅଧିକ ।
- 'ଜୁଲିଏଟ୍ ରୋଜ୍' ବିଶ୍ୱର ସବୁଠାରୁ ମହଙ୍ଗା ଗୋଲାପ । ଇଂଲଣ୍ଡର ଡେଭିଡ୍ ଅଷ୍ଟିନ୍ ୨୦୦୬ ରେ ଏହା ବିକଶିତ କରାଇଥିଲେ । ଏଥି ପାଇଁ ପନ୍ଦର ବର୍ଷ ସମୟ ଏବଂ ତେତିଶ କୋଟି ଟଙ୍କା ବ୍ୟୟ ହୋଇଥିଲା ।
- ଗୋଲାପ ବୃକ୍ଷ ଉଚ୍ଚତାରେ ସାତ ମିଟର ପର୍ଯ୍ୟନ୍ତ ବଢ଼ିପାରେ । ଆମେରିକାର ଟମ୍ବୁଷ୍ଟନ୍ ସହରରେ ଥିବା 'ଲେଡି ବେଙ୍କସ୍ ରୋଜ' ପ୍ରଜାତିର ଗୋଲାପ ବୁଦା ବିଶ୍ୱର ସବୁଠାରୁ ବଡ଼ । ଏହାର ଗଣ୍ଡି ସାଢ଼େ ତିନି ମିଟର୍, ଆଠ ଶହ ମିଟର ଅଞ୍ଚଳରେ ପରିବ୍ୟାପ୍ତ, ଫୁଲ ସଂଖ୍ୟା ପ୍ରାୟ ଦୁଇ ଲକ୍ଷ ।
- ଜର୍ମାନିର ଏକ ଗିର୍ଜା କାନ୍ଥରେ ଥିବା ଗୋଲାପ ବୃକ୍ଷ ହଜାରେ ବର୍ଷ ପ୍ରାଚୀନ ।
- ତୁର୍କିର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ କଳା ଗୋଲାପ ଦେଖିବାକୁ ମିଳେ ।
- ଗୋଲାପ ଭିଟାମିନ୍ 'ସି'ରେ ସମୃଦ୍ଧ । ସାଲାଡ୍, କେକ୍, ଜେଲି, ଜାମ୍, ଚକଲେଟ୍ ଆଦି ପ୍ରସ୍ତୁତିରେ ଗୋଲାପ ପାଖୁଡା ବ୍ୟବହାର କରାଯାଏ ।
- ସବୁ ଗୋଲାପ ପାଞ୍ଚ ପାଖୁଡା ହୋଇଥିବା ବେଳେ 'ରୋଜା ସେରିସିଆ' ପ୍ରଜାତିର ଗୋଲାପ ଚାରି ପାଖୁଡା ବିଶିଷ୍ଟ । ଏହ ହିମାଳୟ ଏବଂ ଏହାର ଆଖପାଖ ଇଲାକାରେ ବଢ଼େ ।
- ପ୍ରେମ, ପ୍ରଣୟ, ଅନୁରାଗ ଅଭିଳାଷ, ସୌନ୍ଦର୍ଯ୍ୟ ଓ ଶାନ୍ତିର ପ୍ରତୀକ ଗୋଲାପ ।

# ବୃହଦନ୍ତ କର୍କଟ ଆଶଙ୍କା କମାଏ ବ୍ୟାୟାମ

ଓଣ୍ଟାରିଓସ୍ଥିତ ୟୁନିର୍ଭର୍ସିଟି ଅଫ୍ ୱାଟରଲୁ ଏବଂ କ୍ୱିନ୍ସଲାଣ୍ଡ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଏକ ସର୍ଭେ କରାଯାଇଥିଲା ।

ମିଳିଥିବା ତଥ୍ୟ ଅନୁସାରେ ବ୍ୟାୟାମ ବୃହଦନ୍ତ



କର୍କଟର କୋଷିକାମାନଙ୍କୁ ବିକଶିତ ହେବାକୁ ଦେଇ ନ ଥାଏ । ଏହି ତଥ୍ୟ ଜର୍ଣ୍ଣାଲ ଅଫ୍ ଫିଜିଓଲୋଜିକାଲରେ ପ୍ରକାଶିତ ହୋଇଥିଲା । ଦୀର୍ଘ ସମୟ ଧରି ବ୍ୟାୟାମ କରିବା ଦ୍ୱାରା ତାହାର ସକରାତ୍ମକ ପ୍ରଭାବ ଶରୀର ଉପରେ ଦେଖିବାକୁ ମିଳିଥାଏ । ଗବେଷଣା ଅନୁସାରେ ହାଇ ଇଣ୍ଟେନସିଭ ଇଣ୍ଟନାଲ ଟ୍ରେନିଂ ପରେ ହେଉଥିବା ପରିବର୍ତ୍ତନରୁ ଜଣାପଡୁଛି ଯେ ବ୍ୟାୟାମର ତୀବ୍ର ପ୍ରଭାବ କର୍କଟ ବିରୋଧରେ ଲଢ଼ିବା ପାଇଁ ସହଯୋଗ କରୁଛି ।

ଗବେଷଣାରେ କୋଲୋରେକ୍ଟଲ କର୍କଟରୁ ରକ୍ଷା ପାଇଥିବା ରୋଗୀ ହୋଇ ଇଣ୍ଟେନସିଭ ଇଣ୍ଟରନାଲ ଟ୍ରେନିଂ ୪ ସପ୍ତାହ କରିବା ପରେ ସେମାନଙ୍କର ରକ୍ତ ନମୁନା ସଂଗ୍ରହ କରାଯାଇଥିଲା । ଆଉ ପରେ ବୃହଦନ୍ତ କର୍କଟ କୋଷିକାମାନେ ବିକଶିତ ହେଉଛନ୍ତି କି ନାହିଁ ତା'ର ବିଶ୍ଳେଷଣ କରାଯାଇଥିଲା ।

ଗବେଷକ ଜେମ୍ସ ଡେଭିଡ୍ କହିଛନ୍ତି, 'ଆମେ ଜାଣିପାରିଛୁ ଯେ ବ୍ୟାୟାମ ବୃହଦନ୍ତ୍ର କୋଷିକାମାନଙ୍କ ବୃଦ୍ଧିକୁ କିପରି ରୋକିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ହାଇ ଇଣ୍ଟେନସିଭ ଇଣ୍ଟରନାଲ ଟ୍ରେନିଂ ବା ବ୍ୟାୟାମର ତୁରନ୍ତ ପରେ ଜଳାପୋଡା ବଢ଼ିଯାଇଥାଏ । ଯାହା କର୍କଟ କୋଷିକାମାନଙ୍କୁ କମ କରୁଥିବା ଅନୁମାନ କରାଯାଉଛି ।

ଗବେଷକଙ୍କ ମତରେ 'କେଲୋକ୍ଟେରାଲ ଟ୍ୟୁମର ଠାରୁ ଦୂରେଇ ରହିବା ପାଇଁ ଶାରୀରିକ ଭାବେ ସକ୍ରିୟ ରହିବା ଖୁବ୍ ଗୁରୁତ୍ୱପୂର୍ଣ୍ଣ ।'

# ରୋଗ ପ୍ରତିରୋଧକାରୀ ଗଙ୍ଗଶିଉଳି

ଗଙ୍ଗଶିଉଳି ପତ୍ର ୮-୧୦ ଟି ଭଲ ଭାବରେ ଛେଚିକରି ୪/୫ କପ୍ ପାଣିରେ ସିଝାଇ ସେହି ପାଣି ମରି ମରି ଏକ କପ୍ ହେଲେ ଓହ୍ଲାଇ ଛାଣିନେବ ଏବଂ ଜଳକୁ ସକାଳ ଓ ସନ୍ଧ୍ୟାରେ ଦୁଇଥର ୭/



୮ ଦିନ ପିଇଲେ ସାଇଟିକା, ବାତ ଯନ୍ତ୍ରଣା ଉପଶମ ହୁଏ । ଏହି ଔଷଧଟି ଚାଣକ୍ୟ, ଚନ୍ଦ୍ରଗୁପ୍ତଙ୍କ ଠାରେ ପ୍ରୟୋଗ କରିଥିଲେ । ଶିଉଳି ଗଛ ଛେଲିର ଗୁଣ୍ଡକୁ ଦେଢ଼ଗ୍ରାମ ନେଇ ସକାଳ ଓ ସନ୍ଧ୍ୟାରେ ଗରମ ପାଣି ସହ କିଛିଦିନ ଖାଇଲେ ଶରୀରର ଅତିରିକ୍ତ ମେଦ କମିଯାଏ । ମୂର୍ଚ୍ଛା ରୋଗ ଆରମ୍ଭ ସମୟରେ ୨ ଚାମଚ ଶିଉଳି ପତ୍ର ରସ ଅଳ୍ପ ଗରମ କରି ଦୁଇବେଳା ଖାଇଲେ ଉପକାର ମିଳେ । ତେବେ ରୋଗ ଯଦି ଅନେକ ଦିନର ହୁଏ ତେବେ ଉପକାର ନ ମିଳିପାରେ । ପେଟ ଖରାପ ଅଥଚ ପେଟ ଭଲ ଭାବରେ ପରିଷ୍କାର ହେଉନାହିଁ କି ? ଏହି ଅବସ୍ଥାରେ ୨ ଚାମଚ ଶିଉଳି ପତ୍ର ରସ ସନ୍ଧ୍ୟା ଓ ସକାଳେ ସାମାନ୍ୟ ଉଷୁମ ପାଣିରେ ୨/୩ ଦିନ ଖାଇଲେ ପେଟ ପରିଷ୍କାର ହେବ ଏବଂ ଶରୀରର ଅସ୍ୱସ୍ତିଭାବ କମିଯିବ । ଦୁଇ ଚାମଚ ଶିଉଳି ପତ୍ର ରସ ଅଳ୍ପ ଗରମ କରି ସକାଳେ ଓ ସନ୍ଧ୍ୟାରେ ୨ ଥର ଖାଇଲେ କୃମିର ଉପଦ୍ରବ କମେ ଏବଂ କୃମି ବାହାରି ଯାଏ ।

# ଲବଙ୍ଗର ଘରୋଇ ଉପଚାର

ଲବଙ୍ଗ ଆଣ୍ଟିସେପ୍ଟିକ୍, ଆଣ୍ଟିଫୋଙ୍ଗାଲ, ଆଣ୍ଟିବ୍ୟାକ୍ଟେରିଆଲ, ଆଣ୍ଟିଅକ୍ସିଡାଣ୍ଟ ଭାବେ କାମ କରିଥାଏ । ଲବଙ୍ଗକୁ ଦାନ୍ତବିନ୍ଧା, ପେଟ ଫୁଲିବା, କାଶ, ବ୍ରୋଙ୍କାଇଟିସ୍, ଓଜନ କମାଇବା ଓ ହଜମ ପ୍ରକ୍ରିୟାକୁ ତୀବ୍ର କରିବା ପାଇଁ ବ୍ୟବହାର କରିପାରିବେ ।

ଲବଙ୍ଗ ପାଟିରେ ଚୋବାଇବାରେ ଅଧିକ ଲାଳ ବାହାରିଥାଏ ଯଦ୍ୱାରା 'ମୁଖ ଶୋଷ'



ମେଣ୍ଟିଥାଏ । ମୁଖ ଶୋଷରୁ ଲାଳ ପେଟକୁ ଯାଇ ଆମ ହଜମ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥାଏ । ଯକୃତ ରୋଗରୁ ଉପଶମ ପାଇଁ ଲବଙ୍ଗ ବେଶ୍ ଉପକାରୀ । ଲବଙ୍ଗ ତେଲ ଲଗାଇବା ଦ୍ୱାରା ଦାନ୍ତ ବିନ୍ଧା ଦୂର ହୋଇଥାଏ ।

# କହିପାରିବେ କି ?

(୧) ସାଙ୍ଗାଇ ଉତ୍ସବ କେଉଁ ରାଜ୍ୟରେ ପାଳିତ ହୁଏ ?
(୨) 'ହର୍ଣ୍ଣବିଲ୍ ଉତ୍ସବ' କେଉଁ ରାଜ୍ୟରେ ପାଳିତ ହୁଏ ?
(୩) ଦେଶର କେଉଁ ରାଜ୍ୟରେ ପ୍ରତିବର୍ଷ 'ହାତୀ' ଉତ୍ସବ ପାଳିତ ହୋଇଥାଏ ?
(୪) ଆଜି ସମାଜରେ ପ୍ରଚଳିତ ହେଉଥିବା ଚାରମୁଖୀ, ଡୋଗ୍ରି ଓ ସିନ୍ଧି ଆଦି ଲିପି କେଉଁ ଲିପିର ବିକଶିତ ରୂପ ?
(୫) କେଉଁ ରାଜ୍ୟ ସରକାର ବାସବଶ୍ରୀ ଆୱାର୍ଡ ପ୍ରଦାନ କରିଥାନ୍ତି ?
(୬) ଆନ୍ଧ୍ର ପ୍ରଦେଶର ଶାସ୍ତ୍ରୀୟ ନୃତ୍ୟର ନାମ କ'ଣ ?
(୭) ଭାରତରେ କେତୋଟି ଶାସ୍ତ୍ରୀୟ ନୃତ୍ୟ ରହିଛି ?
(୮) ଯାମିନୀ କୃଷ୍ଣମୂର୍ତ୍ତୀ କେଉଁ ଶାସ୍ତ୍ରୀୟ ନୃତ୍ୟ ସହ ଜଡିତ ?
(୯) ସୋନାଲ ମାନସିଂ କେଉଁ ନୃତ୍ୟ ପାଇଁ ପରିଚିତ ?
(୧୦) ଅମଜାଦ୍ ଅଲ୍ଲୀ ଖାନ୍ କେଉଁ ସଂଗୀତ ଉପକରଣ ସହ ସଂପୃକ୍ତ ?

## JUMBLE WORDS

| | | | |
|---|---|---|---|
| 1) PLUIP | = | 6) USISE | = |
| 2) LYADI | = | 7) SKYCOT | = |
| 3) LOTFAA | = | 8) SEREMU | = |
| 4) RLONEL | = | 9) PEIRG | = |
| 5) PAPYL | = | 10) REDBY | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର **:-**

୧.ବାୟୋଲୋଜିକାଲ ଇନଗ୍ରିଟିଏଣ୍ଟସ, ୨.୧୮୬୨, ୩.ମିଥାନଲ, ୪.ବାୟୋମିଥେନ, ୫.ଆଫଗାନିସ୍ତାନ , ୬.ମମତା ବାନାର୍ଜୀ, ୭.ଜିମ୍ବାୱେ, ୮.ମନପ୍ରୀତ ସିଂହ , ୯. ନୂଆଦିଲ୍ଲୀ, ୧୦. ଦିବ୍ୟା କର୍ଣ୍ଣାଢ଼ ।

***Jumble Words*** ର ଉତ୍ତର **:-**

(1) GRILL (2) DECAY (3) HUDDLE (4) DUTFIT (5) TEETH
(6) HARSH (7) INFECT (8) ENGULF (9) ENGINE (10) AMBUSH

# ୭ଟି ଗ୍ରାମର ୮୬୬ ପରିବାରଙ୍କୁ ଜମିପଟ୍ଟା ପ୍ରଦାନ

ଝାରସୁଗୁଡ଼ା: ହୀରାକୁଦ ନଦୀବନ୍ଧ ଦ୍ୱାରା ବିସ୍ଥାପିତ ଲଖନପୁର ଏବଂ ଝାରସୁଗୁଡ଼ା ତହସିଲର ବିସ୍ଥାପିତଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାଷୀ ମାଧମରେ ଜମି ପଟ୍ଟା ପ୍ରଦାନ କରିଛନ୍ତି । ଲଖନପୁର ଠାରେ ଅନୁଷ୍ଠିତ ହୋଇଥିବା ଜମି ପଟ୍ଟା ପ୍ରଦାନ କାର୍ଯ୍ୟକ୍ରମରେ ଆଭାଷୀ ମାଧମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧକ୍ଷ ଭି.କେ ପାଣ୍ଡିଆନ ଓ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ଲଖନପୁର ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରମ ମନ୍ତ୍ରୀ ସାରଦା ନାୟକ, ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳାଇ, ଲ୍ୟାଣ୍ଡ ରେକର୍ଡ଼ ନିର୍ଦ୍ଦେଶକ ବିଜୟ କୁମାର ଖଣ୍ଡାୟତରାଏ, ଝାରସୁଗୁଡ଼ା ଜିଲ୍ଲାପାଳ ଅବୋଲି ସୁନିଲ ନରୱଣେ, ଅତିରିକ୍ତ ଜିଲ୍ଲାପାଳ ଲଙ୍କେଶ୍ୱର ଅମାତ, ଲଖନପୁର ବ୍ଲକ ଅଧକ୍ଷା ହୁତେଶ୍ୱରୀ ତିହିରିଆ, ଲଖନପୁର ତହସିଲଦାର ସଦାକର କୁମ୍ଭାର, ବିଡିଓ ବିନୟ ପ୍ରକାଶ ପଟେଲଙ୍କ ସମେତ ରାଜସ୍ୱ ବିଭାଗର ଅଧିକାରୀ, ଜନ ପ୍ରତିନିଧି ଏବଂ ହୀରାକୁଦ ବିସ୍ଥାପିତ ପରିବାରମାନେ ଉପସ୍ଥିତ ଥିଲେ । ଝାରସୁଗୁଡା ଜିଲ୍ଲାର ୭ଟି ଗ୍ରାମର ୮୬୬ ପରିବାରଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଛି । ହୀରାକୁଦ ନଦୀ ବନ୍ଧ ଦ୍ୱାରା ବିସ୍ଥାପିତ ହୋଇ ଏହି ଗ୍ରାମବାସୀମାନେ ନିଜର ସର୍ବସ୍ୱ ହରାଇଥିଲେ । ନିଜସ୍ୱ ଜମି ନ ଥିବାରୁ ଜାତିଗତ ପ୍ରମାଣପତ୍ର, ଆବାସ ଘରଠୁ ନେଇ ଅନେକ ସରକାରୀ ଯୋଜନାରୁ ବଞ୍ଚିତ ହେଉଥିଲେ ଏହି ଗ୍ରାମବାସୀ । ହୀରାକୁଦ ନଦୀ ବନ୍ଧ ଦ୍ୱାରା ବିସ୍ଥାପିତ ହୋଇ ନିଜର ପରିଚୟ ହରାଇଥିବା ଏହି ଗ୍ରାମବାସୀଙ୍କୁ ପ୍ରାୟ ୭୦ ବର୍ଷ ପରେ ଆଜି ସେମାନଙ୍କ ହକ୍ ମିଳିଛି । ପଞ୍ଚାୟତ ଲିମେଇଟିକ୍ରା ଗାଁର ୩୦ଟି ପରିବାର, ସୁନାରୀ ପଞ୍ଚାୟତ ପତ୍ରାପାଲି ଗାଁର ୧୫୧ଟି ପରିବାର, ତେଲେନପାଲି ପଞ୍ଚାୟତ ବିନକା ଗାଁର ୧୫୩ଟି ପରିବାର, ଛଡ଼ାରମା ଗାଁର ୯୯ଟି ପରିବାର, ସମରବଗା ପଞ୍ଚାୟତ ଦୁଆନମୁଣ୍ଡା ଗାଁର ୧୪୪ଟି ପରିବାର, ଜାମଗାଁ ପଞ୍ଚାୟତ ଲଛିପାଲି ଗାଁର ୧୨୪ଟି ପରିବାର ଓ କତରବଗା ପଞ୍ଚାୟତ ସାହାସବଗା ଗାଁର ୧୬୫ଟି ପରିବାର ମିଶି ମୋଟ ୮୬୬ଟି ବିସ୍ଥାପିତ ପରିବାରଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଛି । ବାକି ୧୧ଟି ଗାଁର ସର୍ଭେ ଚାଲିଛି । ଏହି ୧୧ଟି ଗାଁର ଖୁବଶୀଘ୍ର ୧୩୩୯ଟି ପରିବାର ଜମିପଟ୍ଟା ପାଇବେ ।

# ଗ୍ରୀନ୍ ଫ୍ୟୁଚର ଦିଗରେ ଟାଟା ପାୱାରର ଗୁରୁତ୍ୱ

ସମ୍ବଲପୁର : ଟାଟା ପାୱାର ପକ୍ଷରୁ ସବୁଜ ଓ ଶକ୍ତି ଗ୍ରହଣକୁ ଉତ୍ସାହିତ କରିବା ଦିଗରେ ନୂଆ ବ୍ରାଣ୍ଡ୍ ଫିଲ୍ମର ଉନ୍ମୋଚନ କରାଯାଇଛି । ଏ କ୍ଷେତ୍ରରେ ପୃଥିବୀର ସୁରକ୍ଷା ଏବଂ ଏକ ନିରନ୍ତର ଜୀବନ ଶୈଳୀ ଆପଣାଇବାରେ କମ୍ପାନି ଲୋକଙ୍କୁ ନିବେଦନ କରିଛି । ଉଭୟ ଗ୍ରାହକ ଏବଂ କର୍ପୋରେଟ କ୍ଷେତ୍ରରେ ନିରନ୍ତର ଉତ୍ପାଦ ଗ୍ରହଣକୁ କମ୍ପାନି ଏବେ ପ୍ରାଥମିକତା ଦେଇଛି । ଛାତ ଉପରେ ସୋଲାର, ଇଭି ଚାର୍ଜିଂ, ସୋଲାର ମାଇକ୍ରୋଗ୍ରୀଡ, ଗ୍ରୁପ କ୍ୟାପ୍ଟିଭ ସଲ୍ୟୁଶନ, ପମ୍ପ ହାଇଡ୍ରୋପାୱାର, ସ୍ମାର୍ଟ ହୋମ୍ ଅଟୋମେଶନ ଗ୍ରହଣକୁ ଟାଟା ପାୱାର ଉତ୍ସାହିତ କରୁଛି ।

ହିନ୍ଦୀ, ଇଂରାଜୀ, ଗୁଜରାଟି, ମରାଠି, ତାମିଲ, କନ୍ନଡ ଭାଷାରେ ନ୍ୟୁଜ ଓ ବିଜନେସ ଚ୍ୟାନେଲ ସହ ଉଭୟ ଡିଜିଟାଲ ଓ ସୋସିଆଲ ମିଡିଆ ଚ୍ୟାନେଲରେ ଏହି ବ୍ରାଣ୍ଡ୍ ଫିଲ୍ମ ପ୍ରଦର୍ଶିତ ହେଉଛି । ମଣିଷ ସମାଜ କିଭଳି ଏବେ ପୃଥିବୀକୁ କ୍ଷତି ପହଞ୍ଚାଉଛି, ତାହା ଏଥିରେ ପ୍ରଦର୍ଶନ କରାଯାଇଛି । ଏ ଅବସରରେ ଟାଟା ପାୱାରର ବ୍ରାଣ୍ଡ୍ ଆଣ୍ଡ୍ କମ୍ୟୁନିକେଶନ ମୁଖ୍ୟ ଜ୍ୟୋତି ବଂଶଲ କହିଛନ୍ତି, ଏକ ନିରନ୍ତର ଜୀବନ ଶୈଳୀ ଓ ସବୁଜ ଶକ୍ତିର ପ୍ରୋତ୍ସାହିନ ଦିଗରେ କାର୍ଯ୍ୟକ୍ରମ ଜାରି ରହିଛି । ଏ କ୍ଷେତ୍ରରେ ଅଧିକ ସଚେତନତା ଲୋଡ଼ା । ଦେଶର ପସନ୍ଦଯୋଗ୍ୟ, ଗ୍ରୀନ ଏନର୍ଜି ବ୍ରାଣ୍ଡ୍ ହେବା ଦିଗରେ ଟାଟା ପାୱାର ଉଦ୍ୟମ ଜାରି ରଖିଛି । ୨୦୪୫ ସୁଦ୍ଧା କାର୍ବନ ନ୍ୟୁଟ୍ରାଲ ହେବା କମ୍ପାନିର ଲକ୍ଷ୍ୟ । ତେବେ ଦେଶର ସର୍ବବୃହତ୍ ସମନ୍ୱିତ ବିଦ୍ୟୁତ କମ୍ପାନି ଟାଟା ପାୱାର ୧ ଲକ୍ଷ କୋଟି ଟଙ୍କା (୧ ଟ୍ରିଲିଅନ ଟଙ୍କା)ର ବଜାର ପୁଞ୍ଜି(ଏମ୍‌କ୍ୟାପ) କ୍ଲବରେ ସାମିଲ ହୋଇଛି । ଏହା ହେଉଛି ଦ୍ୱିତୀୟ ଭିତ୍ତିଭୂମି ଓ ଟାଟା ଗ୍ରୁପ୍‌ର ଷଷ୍ଠ କମ୍ପାନି, ଯାହା ଏହି ମାଇଲଖୁଣ୍ଟ ହାସଲ କରିଛି । ୨୦୨୩ରେ କମ୍ପାନିର ଷ୍ଟକ ୫୬.୮% ରିଟର୍ଣ୍ଣ ପ୍ରଦାନ କରିଛି । ସିଓପି ୨୮ରେ ବିଶ୍ୱର ସର୍ବବୃହତ୍ କମ୍ପାନିଗୁଡ଼ିକ ସ୍ୱଚ୍ଛ ଶକ୍ତି ଆଡ଼କୁ ଅଗ୍ରସର ହେବା ନେଇ ଆଲୋଚନା କରୁଥିବା ବେଳେ ଟାଟା ପାୱାର ୨.୮ ଗିଗାୱାଟ୍‌ର ଦୁଇଟି ପମ୍ପ୍ ଜଳ ସଂରକ୍ଷଣ ପ୍ରକଳ୍ପରେ ୧୩,୦୦୦ କୋଟି ଟଙ୍କା ନିବେଶ କରି ସ୍ୱଚ୍ଛ ଶକ୍ତି ଉତ୍ପାଦନରେ ଆଗୁଆ ରହିଛି । ଏହା ଜରିଆରେ କମ୍ପାନି ୨୪ ଘଣ୍ଟା ଗ୍ରାହକଙ୍କୁ ଅକ୍ଷୟ ଶକ୍ତି ଯୋଗାଇ ପାରିବ ।

# 'ନୁଆଁ-ଓ' କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ସମ୍ମନ୍ୱିତ ଯୁବ ଉତ୍ସବ

ସୁବର୍ଣ୍ଣପୁର : ସୁବର୍ଣ୍ଣପୁର ଜିଲ୍ଲା ସ୍ଥାନୀୟ ଶିକ୍ଷ୍ୱ ତାଲିମ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ରାଜ୍ୟ ସରକାରଙ୍କର ନୁଆଁ-ଓ ଯୋଜନା ଅନ୍ତର୍ଗତ ସମ୍ମନିତ ଯୁବ ବିକାଶ ନୁଆଁ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଶିକ୍ଷ୍ୱ ତାଲିମ ଅନୁଷ୍ଠାନ ର ଅଧକ୍ଷ ଇଂ ଶୈଳେଶ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉଦଯାପନୀ ଦିବସରେ ବିରାମହରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟ ଅତିଥି, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ ଏବଂ ଅତିରିକ୍ତ ଆରକ୍ଷୀ ଅଧିକାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପରେ ପରେ ନୁଆଁ - ଓ ପରିପ୍ରେକ୍ଷୀରେ ଯୁବକ ଯୁବତୀ ମାନଙ୍କ ନିମନ୍ତେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିବୃନ୍ଦ ପୁରସ୍କାର ସହ ମାନପତ୍ର ପ୍ରଦାନ କରିଥିଲେ । ପରେ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ବେଲପାହାଡ଼ରେ ବିଜେଡି ପ୍ରଶିକ୍ଷଣ ଶିବିର

ଝାରସୁଗୁଡ଼ା : ବେଲପାହାଡ଼ କଲ୍ୟାଣ ମଣ୍ଡପରେ ଚାଲିଥିବା ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ବିଜେଡି କର୍ମୀଙ୍କୁ ନେଇ ଚାଲିଥିବା ୩ ଦିନିଆ ତାଲିମ ଶିବିର ଉଦଯାପିତ ହୋଇଯାଇଛି । ଲଖନପୁର ବ୍ଲକ ଜୋନ ୧ ଓ ଜୋନ ୨ ଓ ୩ ଓ ବ୍ରଜରାଜନଗର, ବେଲପାହାଡ ପୌରାଞ୍ଚଳର ସକ୍ରିୟ କର୍ମୀ ଏହି ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଝାରସୁଗୁଡା ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ତଥା ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି, ସହ-ପର୍ଯ୍ୟବେକ୍ଷକ ହରେକୃଷ୍ଣ ଷଡ଼ଙ୍ଗୀ, ଜିଲ୍ଲା ବିଜେଡି ସଭାପତି ରବି ସିଂହ, ଜିଲ୍ଲା ପରିଷଦ ଉପାଧକ୍ଷ ଅକ୍ଷୟ ସାହୁ, ଶମ୍ଭୁ ମହାନ୍ତି, ବିଶ୍ୱନାଥ ନାୟକଙ୍କ ସହିତ ଶଙ୍ଖ ଭବନ ଭୁବନେଶ୍ୱରରୁ ଆସିଥିବା ତାଲିମଦାତା ଗଣ ଏବଂ ବିଜେଡିର ଜିଲ୍ଲା, ବ୍ଲକ, ମ୍ୟୁନସିପାଲଟି, ମହିଳା, ଯୁବ ଛାତ୍ର ସଂଗଠନର କର୍ମକର୍ତ୍ତା ଏବଂ ନିର୍ବାଚିତ ଜନପ୍ରତିନିଧି ଉପସ୍ଥିତ ଥିଲେ ।

# ବୃନ୍ଦାବନ ମହାରଣାଙ୍କ ଏକକ ଚିତ୍ରକଳା

ସମ୍ବଲପୁର : ବିଶିଷ୍ଟ ଚିତ୍ରଶିଳ୍ପୀ ଏବଂ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ କଳା ଶିକ୍ଷକ ବୃନ୍ଦାବନ ମହାରଣାଙ୍କ ଏକକ ଚିତ୍ରକଳା ପ୍ରଦର୍ଶନୀ 'ସିମ୍ଫନି ଅଫ୍ କଲର୍ସ' ଉଦ୍‌ଘାଟିତ ହୋଇଛି । ବଡ଼ବଜାର ସ୍ଥିତ ଗୌରୀ ଶଙ୍କର ସାହାଣୀ ପାର୍କ ସ୍ଥିତ ଓଡ଼ିଶା ଲଳିତ କଳା ଏକାଡେମୀର ଆଞ୍ଚଳିକ ଆର୍ଟ ଗ୍ୟାଲେରିରେ ଆୟୋଜିତ ଏହି ପ୍ରଦର୍ଶନୀକୁ ସମ୍ବଲପୁର ମ୍ୟୁନସିପାଲ କର୍ପୋରେସନ କମିଶନର ବେଦ ଭୂଷଣ ଉଦ୍‌ଘାଟନ କରିଥିଲେ । ତରୁଣ ଚିତ୍ରଶିଳ୍ପୀ ଜ୍ୟୋର୍ତିୟାଦିତ୍ୟ ମହାନ୍ତି ଏବଂ ସାଂସ୍କୃତିକା ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବର ସମ୍ବଲପୁର ଆଇଆଇଏମର ନିର୍ଦ୍ଦେଶକ ମହାଦେଓ ଜୟସ୍ୱାଲ ଏବଂ ସମ୍ବଲପୁର ମ୍ୟୁନସିପାଲ କର୍ପୋରେସନ ଡେପୁଟି କମିଶନର ଶଙ୍କର ପ୍ରସାଦ ସାହୁ, ବିଶିଷ୍ଟ ଚିତ୍ରଶିଳ୍ପୀ ଭୋଲାନାଥ ନାୟକ, ଶିଳ୍ପୀ ପତ୍ନୀ ସଙ୍ଗୀତା ମହାରଣା ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଶ୍ରୀ ମହାରଣାଙ୍କ ଅନନ୍ୟ ଏବଂ ସ୍ୱଜନଶୀଳ ପ୍ରତିଭାର ପ୍ରଶଂସା କରିବା ସହ ଅଞ୍ଚଳର କଳା ସଂସ୍କୃତିକ ପ୍ରଚାର ପ୍ରସାରରେ ଶିଳ୍ପୀଙ୍କ ଭୂମିକାକୁ ସାଧୁବାଦ ଦେଇଥିଲେ । ଏହି ପ୍ରଦର୍ଶନୀରେ ଶ୍ରୀ ମହାରଣାଙ୍କ ୧୦୦ରୁ ଊର୍ଦ୍ଧ୍ୱ କଳାକୃତୀ ସ୍ଥାନିତ ହୋଇଛି । ଗେଲେରି ଇନ ଚାର୍ଯ୍ୟ ବିଦ୍ୟାପତି ପ୍ରଧାନ ଏବଂ ଅନାମିକା ମହାରଣା ପ୍ରଦର୍ଶନୀ ଆୟୋଜନରେ ସହଯୋଗ କରିଥିଲେ ।

# ୧୦୦ ବର୍ଷ ହେବ ମଦ ବ୍ୟବସାୟରେ ଲିପ୍ତ ଧିରଜଙ୍କ ପରିବାର

ସମ୍ବଲପୁର : ବାସଭବନ ଓ ବ୍ୟାବସାୟିକ ସଂସ୍ଥାରୁ ଆୟକର ବିଭାଗ ୩୫୪ କୋଟି ଟଙ୍କା ନଗଦ ଜବତ କରିବା ମଦ ଭାଟିରୁ ବିପୁଳ ଟଙ୍କା ଜବତ ପାଇଁ ଚର୍ଚ୍ଚାରେ ଥିବା କଂଗ୍ରେସ ସାଂସଦ ଧୀରଜ ସାହୁଙ୍କ ପରିବାର ବିଗତ ଶହେ ବର୍ଷ ଧରି ମଦ କାରବାରରେ ସଂପୃକ୍ତ । ଏଥିସହ ଡାକ୍ତରଖାନା, ସ୍କୁଲ, ପରିବହନ, ହୋଟେଲ, ରିୟଲ ଇଷ୍ଟେଟ୍, ଅଟୋମୋବାଇଲ ଇତ୍ୟାଦି ବ୍ୟବସାୟରେ ମଧ ପରିବାର ଜଡ଼ିତ । ଧୀରଜଙ୍କ ପିତା ରାୟ ସାହେବ ବଳଦେବ ସାହୁଙ୍କ ଜନ୍ମ ଛୋଟନାଗପୁରରେ ହୋଇଥିଲା । ବ୍ୟବସାୟ କରିବାକୁ ସେ ଲୋହାରଡଗା ଚାଲି ଆସିଥିଲେ । ସେଠାରୁ ମସଲା, ଆମ୍ବ ଇତ୍ୟାଦି ରପ୍ତାନି ଆରମ୍ଭ କରିଥିଲେ । କିନ୍ତୁ ପରେ ମଦ ବ୍ୟବସାୟରେ ହିଁ ଲାଭ ଜାଣି ଏହାକୁ ଆଦରିଥିଲେ । ପ୍ରାୟ ଶହେ ବର୍ଷ ଧରି ତାଙ୍କ ପରିବାର ମଦକୁ ହିଁ ରୋଜଗାର ମାଧମ କରିଛି । ଦେଶ ସ୍ୱାଧୀନତା ପରଠାରୁ ସେ ରାଜନୀତିରେ ପାଦ ଥାପିଥିଲେ । ତାଙ୍କୁ କେନ୍ଦ୍ର ସରକାର ରାୟ ସାହେବ ଉପାଧି ପ୍ରଦାନ କରିଥିଲେ । ସ୍ୱାଧୀନତା ସମୟରେ ଦେଶର ଆର୍ଥିକ ଦୁରବସ୍ଥା ଦୂର ଅଭିଯାନରେ ସହାୟତା ସ୍ୱରୂପ ସେ ୪୭ ଲକ୍ଷ ଟଙ୍କା ଏବଂ ୪୭ କିଲୋ ସୁନା ଦାନ କରିଥିଲେ । ତାଙ୍କର ରାଜନୈତିକ ଦବ୍‌ଦବା ଏତେ ଥିଲା ଯେ ଝାଡ଼ଖଣ୍ଡର ଲୋହାରଡଗା ସ୍ଥିତ ବାସଭବନରେ ଦେଶର ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପାଦ ମଧ ପଡ଼ିଥିଲା । ବଳଦେବଙ୍କ ପୁତ୍ର ଶିବପ୍ରସାଦ ରାଞ୍ଚିରୁ ୧୯୮୦ ଓ ୧୯୮୪ରେ ଦୁଇ ଥର କଂଗ୍ରେସର ସାଂସଦ ହୋଇଥିବା ବେଳେ ଅନ୍ୟ ଜଣେ ପୁତ୍ର ଗୋପାଳ ସାହୁ ୨୦୧୯ରେ ହଜାରୀବାଗ ଲୋକସଭା ଆସନରୁ କଂଗ୍ରେସ ଟିକେଟରେ ଲଢ଼ି ପରାସ୍ତ ହୋଇଥିଲେ । ଧୀରଜ ୧୯୭୭ରେ ଯୁବ କଂଗ୍ରେସରୁ ରାଜନୀତି ଆରମ୍ଭ କରିଥିଲେ । ଧୀରଜ ୨୦୦୯ ଉପନିର୍ବାଚନରେ ପ୍ରଥମେ ରାଜ୍ୟସଭାକୁ ଯାଇଥିବା ବେଳେ ପରେ ୨୦୧୦ ଓ ୨୦୧୮ରେ ମଧ ନିର୍ବାଚିତ ହୋଇଥିଲେ । ସେ ପୂର୍ବରୁ ଦୁଇ ଥର ଲୋକସଭା ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ ।

ବଳଦେବ ସାହୁଙ୍କର ଛଅ ପୁତ୍ର ଥିଲେ । ସେମାନେ ହେଲେ ଶିବ ପ୍ରସାଦ ସାହୁ, ଧୀରଜ ସାହୁ, କିଶୋର ପ୍ରସାଦ ସାହୁ, ନନ୍ଦଲାଲ ପ୍ରସାଦ ସାହୁ, ଗୋପାଳ ସାହୁ ଏବଂ ଉଦୟ ପ୍ରସାଦ ସାହୁ । ଶିବ ପ୍ରସାଦ ସାହୁଙ୍କ ପୁତ୍ର ସଞ୍ଜୟ ସାହୁ କୋଲ୍ଡ ଷ୍ଟୋର୍ ଓ ବଟଲିଂ ପ୍ଲାଣ୍ଟସମ୍ଭାଳୁଥିବା ବେଳେ ନାତି ରାହୁଲ ସାହୁ ଝାଡ଼ଖଣ୍ଡରେ ମଦ ସିଣ୍ଡିକେଟକୁ ନିୟନ୍ତ୍ରଣ କରୁଛନ୍ତି । କିଶୋର ସାହୁଙ୍କ ପୁଅ ରୋହିତ ସାହୁ ରାଞ୍ଚିର ପ୍ରସିଦ୍ଧ ସଫାୟାର ଓ ଇଣ୍ଟରନାଶନାଲ ସ୍କୁଲ ପରିଚାଳନା କରୁଥିବା ବେଳେ ନାତି ରିତେଶ ସାହୁ ଓଡ଼ିଶାରେ ମଦ ବ୍ୟବସାୟକୁ ପରିଚାଳନା କରୁଛନ୍ତି । ନନ୍ଦଲାଲ ସାହୁଙ୍କ ପୁଅ ଦୁର୍ଗେଶ ସାହୁ ଝାଡ଼ଖଣ୍ଡରେ ଅଟୋମୋବାଇଲ ଓ ଅନ୍ୟାନ୍ୟ ବ୍ୟବସାୟ ସମ୍ଭାଳୁଛନ୍ତି । ଗୋପାଳ ସାହୁଙ୍କ ପୁଅ ସନ୍ଦୀପ ସାହୁ ରାଞ୍ଚିରେ ଆର୍ଯ୍ୟା ହୋଟେଲର ପରିଚାଳନା କରୁଛନ୍ତି । ଉଦୟ ସାହୁଙ୍କ ପୁତ୍ର ଅମିତ ସାହୁ ସେଣ୍ଟୱିଟା ହସପିଟାଲ ବୁଝୁଛନ୍ତି । ଧୀରଜ ସାହୁଙ୍କ ପୁତ୍ର ହର୍ଷିତ ସାହୁ ମଧ ମଦ ବ୍ୟବସାୟ ସମ୍ଭାଳୁଥିବା ବେଳେ ଝିଅ ହଂସା ସାହୁଙ୍କର ବିବାହ ହୋଇ ସାରିଛି । ଧୀରଜଙ୍କ ତିନି ଭାଇ ଶିବପ୍ରସାଦ, ନନ୍ଦଲାଲ ଏବଂ କିଶୋରଙ୍କର ଇତି ମଧରେ ପରଲୋକ ହୋଇସାରିଛି । ସିବିଆଇର ପୂର୍ବତନ ନିର୍ଦ୍ଦେଶକ ସୁବୋଧ କୁମାର ଜୟସ୍ୱାଲ ମଧ ସାହୁ ପରିବାରର ଜ୍ୱାଇଁ । ଏକଦା ମୁମ୍ବାଇର ପୁଲିସ କମିଶନର ଥିବା ସୁବୋଧଙ୍କ ପତ୍ନୀ ଧୀରଜଙ୍କ ଭାଇ ନନ୍ଦଲାଲଙ୍କ ଝିଅ । ୧୯୮୫ ବ୍ୟାଚ୍‌ର ଆଇପିଏସ୍ ସୁବୋଧ ଦିଲ୍ଲୀରେ ର' କାର୍ଯ୍ୟାଳୟରେ କାର୍ଯ୍ୟ କରିବା ସହ ୨୬/୧୧ ମାମଲା ଏବଂ ମୁମ୍ବାଇ ସିରିଜ୍ ବିସ୍ଫୋରଣ ମାମଲାର ତଦନ୍ତ ମଧ କରୁଥିଲେ ।


## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of **The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of **The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ନୃସିଂହ ଗୁରୁ ସ୍ମୃତି ସମିତିର ବିଭିନ୍ନ ପ୍ରତିଯୋଗିତା ଓ ତାର ଫଳାଫଳ






ସମ୍ବଲପୁର : ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ୪୦ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସ୍ଥାନୀୟ ଗୁରୁନାନକ ପବ୍ଲିକ ସ୍କୁଲ ଠାରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ଏବଂ ହେମନ୍ତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ସମ୍ବଲପୁର ମହାନଗର ନିଗମର ୨୬ଟି ଶିକ୍ଷାନୁଷ୍ଠାନର ପ୍ରାୟ ୭୦୦ ଶହ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଗୁରୁନାନକ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଶ୍ରୀ ରବିନ୍ଦ୍ର କୁମାର ଦାଶ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ ।


କୁଇଜ୍ ମାଷ୍ଟର ଶ୍ରୀ ଶ୍ରୀକାନ୍ତ ଷଡ଼ଙ୍ଗୀଙ୍କ ପରିଚାଳନାରେ ଆୟୋଜିତ କଲେଜ ସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ମାନସ ରଂଜନ ମିଶ୍ର, ଶିବାନନ୍ଦ ପୋଢ଼ ଓ ଜ୍ୟୋତିର୍ମୟୀ ପ୍ରଧାନଙ୍କୁ ନେଇ ଗଠିତ ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜର ଦଳ ପ୍ରଥମ, ଓମ୍ ପୂଝାରୀ, ଶିବାସିସ୍ ପରିଡ଼ା, ସ୍ୱୟଂସୁ ସତ୍ୟପ୍ରଜ୍ଞା ସାହୁ ଓ ଦୁର୍ଗେଶ ତ୍ରିପାଠୀଙ୍କୁ ନେଇ ଗଠିତ ବିକାଶ ହାୟର ସେକେଣ୍ଡାରୀ ସ୍କୁଲର ଦଳ ଦ୍ୱିତୀୟ ଏବଂ ପିୟୁଷ ବେହେରା, ପିୟୁଷ ବଳ, ପିୟୁଷ ପ୍ରିୟଦର୍ଶନ ସାମନ୍ତରା, ଗୋଦାଭର୍ଥି ଲଲାକ୍ଷୀଙ୍କୁ ନେଇ ଗଠିତ ବିକାଶ ଦି କନସେପ୍ଟ ସ୍କୁଲ ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଦ୍ୟାଳୟ ସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଦେବେନ ପାଇକରାୟ, ସ୍ୱସ୍ତିକ ପ୍ରଧାନ, ହେନା ଓରାମ, ଅନଙ୍ଗ ସେଠ୍‌ଙ୍କୁ ନେଇ ଗଠିତ ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଦଳ ପ୍ରଥମ, ସାୟନ ଘୋଷ, ନମନ ରାୟ ଓ ଅମନ କଛୁଆହାଙ୍କୁ ନେଇ ଗଠିତ ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିର ଦଳ ଦ୍ୱିତୀୟ ଏବଂ ଅର୍ପିତା ପ୍ରଧାନ, ସୃଷ୍ଟି ସେଠ୍, ଅଭିଲିପ୍‌ସା ଖମାରୀ ଓ ପ୍ରଭାତୀ ପଣ୍ଡାଙ୍କୁ ନେଇ ଗଠିତ ଲେଡିଲୁଇସ୍ ବାଳିକା ଉଚ୍ଚ- ବିଦ୍ୟାଳୟ ଦଳ ତୃତୀୟ ହୋଇଥିଲେ । ସେହିପରି ବିଦ୍ୟାଳୟ ସ୍ତରୀୟ ଜୁନିୟର କୁଇଜ୍ ପ୍ରତିଯୋଗିତାରେ ବୁଢ଼ାରଜା ସରକାରୀ ହାଇସ୍କୁଲର ଦେବଦତ୍ତ ପଟ୍ଟନାୟକ ପ୍ରଥମ, ଚନ୍ଦନ ଛତ୍ରୀ ରାହୁଲ ବିଭାର ଓ ସେଭେନଷ୍ଟ ଭଣ୍ଡାରୀଙ୍କୁ ନେଇ ଗଠିତ ନାନକ ରାମ ସରକାରୀ ହାଇସ୍କୁଲର ଦଳ ଦ୍ୱିତୀୟ ଏବଂ ଆୟୁଷ ବାର୍ଲେ, ଧନରାଜ ସତନାମୀ ଓ ଭୂମିସୂତା ସତନାମୀଙ୍କୁ ନେଇ ଗଠିତ ନାନକରାମ ସରକାରୀ ହାଇସ୍କୁଲ ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ । ପ୍ରତିଯୋଗିତାରେ ଶୁଭମ ମିଶ୍ର ସ୍କୋରର୍ ଦାୟିତ୍ୱ ନିର୍ବାହ କରିଥିଲେ ।

ସଙ୍ଗୀତ ପ୍ରତିଯୋଗିତାର ବରିଷ୍ଠ ବର୍ଗରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ସୁଶ୍ରୀ ଶ୍ରଦ୍ଧା ମିଶ୍ର ପ୍ରଥମ, ବିକାଶ ଦି କନସେପ୍ଟ ସ୍କୁଲର ଅରାୟନା ଜିନ୍ଦଲ ଓ ସୌମ୍ୟା ମିଶ୍ର ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହି ପ୍ରତିଯୋଗିତାର କନିଷ୍ଠ ବର୍ଗରେ ସେଣ୍ଟ ଯୋସେଫ୍ କନଭେଣ୍ଟ ହାଇସ୍କୁଲର ଅଦ୍ୱୈତା ମିଶ୍ର ପ୍ରଥମ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ଚିନ୍ମୟୀ ସାହୁ ଦ୍ୱିତୀୟ, କେନ୍ଦ୍ରୀୟ ବିଦ୍ୟାଳୟର ବୈଷ୍ଣବୀ ଝାଙ୍କର ଓ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ମନମୋହନ ବେହେରା ଯୁଗ୍ମ ଭାବେ ତୃତୀୟ ହୋଇଛନ୍ତି । ସେଣ୍ଟ ଜୋସେଫ୍ କନଭେଣ୍ଟ ସ୍କୁଲର ପ୍ରେରଣା ଚୌଧୁରୀ ସ୍ୱତନ୍ତ୍ର ପୁରସ୍କାର ପାଇଥିବା ବେଳେ ସବ୍ ଜୁନିୟର ଗ୍ରୁପ୍‌ରେ କେନ୍ଦ୍ରୀୟ ବିଦ୍ୟାଳୟ ଦିବ୍ୟାଂଶି ଗୁରୁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ବକ୍ତୃତା ପ୍ରତିଯୋଗିତାର ବରିଷ୍ଠ ବର୍ଗରେ ନେତାଜୀ ସୁବାଷ ଚନ୍ଦ୍ର ବୋଷର ମାନସ ରଞ୍ଜନ ମିଶ୍ର ପ୍ରଥମ, ବିକାଶ କନସେପ୍ଟ ସ୍କୁଲର ଅନ୍ୱେଷା ଦାଶ ଓ ସିମ୍ରନ୍ ସୁପ୍ରିୟା ମହାପାତ୍ର ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି । କନିଷ୍ଠ ବର୍ଗରେ ସେଣ୍ଟ ଯୋସେଫ୍ କନଭେଣ୍ଟ ସେକେଣ୍ଡରୀ ହାଇସ୍କୁଲର ଅନିକେତ ପାଢ଼ୀ ପ୍ରଥମ ଏବଂ ବିକାଶ ସ୍କୁଲର ଅନନ୍ୟା ପ୍ରତିକ ଓ ଅମିନିତା ଶତପଥୀ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ଏହି ପ୍ରତିଯୋଗିତାର ସବ୍ ଜୁନିୟର ଗ୍ରୁପରେ କେନ୍ଦ୍ରୀୟ ବିଦ୍ୟାଳୟର ଅନନ୍ୟା ମହାନନ୍ଦ, ସୁଗନ୍ଧା ବିଶ୍ୱାସ ଓ ଅମୃତୋୟା ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହେବାର ଗୌରବ ଅର୍ଜନ କରିଛନ୍ତି ।

ଗୀତାଶ୍ଳୋକ ଆବୃତ୍ତି ପ୍ରତିଯୋଗିତାର ଜୁନିୟର ଗ୍ରୁପ୍‌ରେ ଭବିଷ୍ୟତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପ୍ରାପ୍ତି ପ୍ରଜ୍ଞା ପ୍ରଧାନ ଓ ସୃଷ୍ଟି ସାଗରିକା ବାବୁ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇଥିବା ବେଳେ ଲେଡିଲୁଇସ୍ ଗାର୍ଲ୍ସ ହାଇସ୍କୁଲର ଅଂଶିକା ପ୍ରଧାନ ତୃତୀୟ ହୋଇଛନ୍ତି । ସବ୍ ଜୁନିୟର ବର୍ଗରେ ଭବିଷ୍ୟତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ମୌସୁମୀ ବେହେରା ପ୍ରଥମ ଓ ବିଶ୍ୱାତ୍ମ ବିଦ୍ୟାମନ୍ଦିରର ସୁବ୍ରତ ପାତ୍ର ଓ ପ୍ରିୟାନ୍ସି ଘିବେଲା ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି । ବରିଷ୍ଠ ବର୍ଗରେ ବିକାଶ ସ୍କୁଲର ନିଲିତା ପଣ୍ଡା ପ୍ରଥମ ହୋଇଛନ୍ତି ।







ଚିତ୍ରାଙ୍କନ ପ୍ରତିଯୋଗିତାର କେଜି ଓ କେଜି -୨ ବର୍ଗରେ କିଡିଜ୍ ଫାଉଣ୍ଡେସନ ସ୍କୁଲର ସୁଭ୍ରଜ୍ୟୋତି ଦେ ପ୍ରଥମ ହୋଇଥିବା ବେଳେ ଜେକ୍ ଏଣ୍ଡ ଜିଲ୍ ସ୍କୁଲର ସାଇସିବାନୀ ବଳ ଦ୍ୱିତୀୟ ଏବଂ କିଡିଜ୍ ଫାଉଣ୍ଡେସନର ଦିବ୍ୟାଂଶି ସାହୁ ତୃତୀୟ ହୋଇଛନ୍ତି । ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ବର୍ଗରେ ସେଣ୍ଟ ଜୋସେଫ୍ କନଭେଣ୍ଟ ହାୟର ସେକେଣ୍ଡରୀ ସ୍କୁଲର ସଂକଳ୍ପ ଚୌଧୁରୀ ଓ ଆୟୁଷୀ ମିତ୍ର ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇଥିବା ବେଳେ ଗୁରୁନାନକ ପବ୍ଲିକ୍ ସ୍କୁଲର ହିତିକାମୟୀ ବିଶ୍ୱାଳ ତୃତୀୟ ହୋଇଛନ୍ତି । ତୃତୀୟ ଓ ଚତୁର୍ଥ ଶ୍ରେଣୀ ବର୍ଗରେ କେନ୍ଦ୍ରୀୟ ବିଦ୍ୟାଳୟର ସୁଗନ୍ଧା ବିଶ୍ୱାସ ଓ ଅନୀଷା ପ୍ରିୟଦର୍ଶିନୀ ମହାକୁଡ଼ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇଥିବା ବେଳେ ବିକାଶ ଫାଷ୍ଟ ଷ୍ଟେପ୍‌ର ହିମାଂଶୁ ଶେଖର ଓରାମ ତୃତୀୟ ହୋଇଛନ୍ତି । ପଞ୍ଚମ ଓ ଷଷ୍ଠ ଶ୍ରେଣୀ ବର୍ଗରେ ସେଣ୍ଟଜୋନ ସ୍କୁଲର ପ୍ରୟାଂସ ଦନ୍ତା ପ୍ରଥମ, ବିକାଶ କନସେପ୍ଟ ସ୍କୁଲର ପ୍ରୀତି ପଟେଲ ଦ୍ୱିତୀୟ ଓ କେନ୍ଦ୍ରୀୟ ବିଦ୍ୟାଳୟର ସୁପ୍ରିୟା ନନ୍ଦ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସପ୍ତମ ଓ ଅଷ୍ଟମ ଶ୍ରେଣୀ ବର୍ଗରେ ଇଣ୍ଡିଆନ୍ ପବ୍ଲିକ ସ୍କୁଲର ତ୍ରିଷ୍ଣା ତମନ୍ନା ନାୟକ ପ୍ରଥମ, ସେଣ୍ଟଜୋସେଫ୍ କନଭେଣ୍ଟ ସ୍କୁଲର ପ୍ରେରଣା ଚୌଧୁରୀ ଦ୍ୱିତୀୟ ଏବଂ ପଡ଼ିଆ ବାହାଲର ଦୟାନନ୍ଦ ପବ୍ଲିକ୍ ସ୍କୁଲର ତେଜଶ୍ରୀ ଏସ୍.ପି ନନ୍ଦ ତୃତୀୟ ହୋଇଛନ୍ତି । ନବମ ଓ ଦଶମ ଶ୍ରେଣୀ ବର୍ଗରେ ଗୁରୁନାନକ ପବ୍ଲିକ୍ ସ୍କୁଲର ଆଦ୍ୟାଶା ବୈରାଗୀ ପ୍ରଥମ, ନାନକରାମ ସରକାରୀ ହାଇସ୍କୁଲର ମାନବ ଛତ୍ରପାଳ ଦ୍ୱିତୀୟ ଏବଂ ରେଙ୍ଗାଲିର ଆଦର୍ଶ ବିଦ୍ୟାଳୟର ଅଙ୍କିତ ନାୟକ ତୃତୀୟ ହୋଇଛନ୍ତି । କଲେଜ ଓ ବିଶ୍ୱ-ବିଦ୍ୟାଳୟ ବର୍ଗରେ ବିକାଶ କନସେପ୍ଟ ସ୍କୁଲର ମହମ୍ମଦ ଅସିଫ୍ ଅନସାରୀ ପ୍ରଥମ, ସରକାରୀ ମହିଳା କଲେଜର ରୋଜ୍ ବେଗମ ଦ୍ୱିତୀୟ ଏବଂ ରାମକଳୀ ଦେବୀ ହାୟର ସେକେଣ୍ଡାରୀ ସ୍କୁଲର ମନମୋହନ ସିଂ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।

ବିଭିନ୍ନ ପ୍ରତିଯୋଗିତାର ବିଚାରକ ଭାବେ ବିଶିଷ୍ଟ କଣ୍ଠଶିଳ୍ପୀ ବିଭୂତି ଭୂଷଣ ପଟ୍ଟନାୟକ, ସଙ୍ଗୀତ ନିର୍ଦ୍ଦେଶକ ମୋତିଲାଲ ଦୋରା, କାର୍ତ୍ତିକ ପ୍ରସାଦ ବହିଦାର, ସାହିତ୍ୟିକ ଗଣେଶରାମ ନାହାକ, ଶିକ୍ଷକ ପ୍ରଦ୍ୟୋତ କୁମାର ମିଶ୍ର, ଧମାର ଝାଡେଶ୍ୱରୀ କଲେଜର ଅଧ୍ୟାପିକା ଗାୟତ୍ରୀ ଆଚାରୀ, ପ୍ରାଧ୍ୟାପକ ଡକ୍ଟର ଶ୍ୟାମ ସୁନ୍ଦର ଧର, ବିନିକାର ସିଦ୍ଧାର୍ଥ କଲେଜର ସଂସ୍କୃତ ଅଧ୍ୟାପକ ହରିଶ୍ଚନ୍ଦ୍ର ହୋତା, ଶିକ୍ଷୟତ୍ରୀ ଅନୁପମା ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ଅବସରପ୍ରାପ୍ତ ଶିକ୍ଷକ ଉଦିତ ପାଟଯୋଶୀ, ରାଜେନ୍ଦ୍ର ଶତନାମୀ, ସୁନୀଲ ସାଗର ଓ ବିଭୂତି ଗୁପ୍ତା ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ ।

ଆସନ୍ତା ଜାନୁୟାରୀ ୨ ତାରିଖ ଦିନ ୧୦ଟା ବେଳେ ହୋଟେଲ ସିଲାଟାୱାରରେ ନୃସିଂହ ଗୁରୁଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଆୟୋଜିତ ହେବାକୁ ଥିବା ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ ।




Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra